




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଲୁନ ଉଡ଼ାଇ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

## ମେରାଇନ ଡ୍ରାଇଭ୍

# ଇକୋ ରିଟ୍ରିଟ୍ ଉଦ୍‌ଘାଟିତ



▲ ରଙ୍ଗିନ ଆଲୋକରେ ଝଲସୁଛି ବେଳାଭୂମି






**କୋଣାର୍କ, ୧୪।୧୨(ଡି.ଏନ.ଏ)**

କୋଣାର୍କ-ପୁରୀ ବେଳାଭୂମି ରାସ୍ତାର ସାହୁଖଣତା ଠାରେ ଗୁଜରାଟର ରାନ୍ ଉତ୍ସବ ଢାଞ୍ଚାରେ ଆୟୋଜିତ 'ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ'କୁ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଲୁନ ଉଡ଼ାଇ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଉତ୍ସବସ୍ଥଳରେ ଥିବା ପର୍ଯ୍ୟଟକ ବିଶ୍ରାମାଗାର, ଲକ୍ଜ୍ୟୁରି କଟେଜ, ଫୁଡ୍ ଷ୍ଟଲ ଓ ସାଂସ୍କୃତିକ ମଣ୍ଡପ ପ୍ରଭୃତିର ଲୋକାର୍ପଣ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ।

ମୁଖ୍ୟମନ୍ତ୍ରୀ ଅପରାହ୍ନ ୪ଟାରେ କୋଣାର୍କସ୍ଥିତ ହେଲିପ୍ୟାଡଠାରେ ଅବତରଣ କରିବା ପରେ ସେଠାରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପ୍ରାଣିଗ୍ରାହୀ, କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପର୍ଯ୍ୟଟନ ସଚିବ ବିଶାଲ ଦେବ, ବିଭାଗୀୟ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଓଟିଡିସି ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର, ଆଇଜି ପର୍ସନାଲ ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଜିଲାପାଳ ବଲୱନ୍ତ ସିଂ ଓ ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ପରେ ୪ଟା ୨୦ରେ ମୁଖ୍ୟମନ୍ତ୍ରୀ ଉତ୍ସବସ୍ଥଳରେ ପହଞ୍ଚିବା ପରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏକ ବ୍ୟାଟେରୀଚାଳିତ କାର୍‌ରେ ଉତ୍ସବସ୍ଥଳ ବୁଲି ଦେଖିବା ସହ ସମୁଦ୍ରକୂଳରେ କିଛି ସମୟ ବିତାଇଥିଲେ। ତାଙ୍କ ସହ ଉପସ୍ଥିତ ଥିଲେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫ଟି ସଚିବ ଭି.କେ. ପାଣ୍ଡିଆନ୍ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ। ଉଦଘାଟନୀ ସନ୍ଧ୍ୟାରେ ଦିଲ୍ଲୀର ରକ୍ ବ୍ୟାଣ୍ଡ ୟୁଫୋରିଆ ଗ୍ରୁପ୍ ପକ୍ଷରୁ ସଙ୍ଗୀତ ପରିବେଷଣ କରାଯାଇଥିଲା। ୫୦ଗୋଟି ବିଳାସପୂର୍ଣ୍ଣ କଟେଜ ମଧ୍ୟରୁ ୨୦ଟି ପର୍ଯ୍ୟଟକମାନେ ରାତ୍ରିଯାପନ ପାଇଁ ବୁକିଂ କରିଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ଅବସରରେ ରାଜ୍ୟ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଓଡ଼ିଶାର କାରିଗରି ଶିଳ୍ପର ପ୍ରଚାର ପ୍ରସାର ପାଇଁ ୧୦ଗୋଟି ଷ୍ଟଲ ମାଧ୍ୟମରେ ହସ୍ତତନ୍ତ ସାମଗ୍ରୀର ପସରା ମେଲିଥିବା ଦେଖିବାକୁ ମିଳିଛି। ରଙ୍ଗବେରଙ୍ଗର ସୁସଜ୍ଜିତ ଆଲୋକ ମାଳାରେ ବେଳାଭୂମି କୂଳ ଝଲସୁଥିବାବେଳେ ପ୍ରଥମ ଦିନ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ବାଲୁଖଣ୍ଡ ଅଭୟାରଣ୍ୟରେ ନେଚର ଟ୍ରେଲ୍ ସହ ଟେମ୍ପୁଲ୍ ଟୁର୍ ଏବଂ ଇକୋଲୋଜିକାଲ ଟୁର୍ ହେବ। ସେହିଭଳି ଆଡ୍‌ଭେଞ୍ଚର ସ୍ପୋର୍ଟସରେ 'ଜେଟ୍-ସ୍କି', 'ସ୍ପିଡ୍ ବୋଟିଂ', 'ପାରାସେଲିଂ', 'ଏଟିଭି', 'ଆର୍ଚେରୀ', 'ରାଇଫଲ୍ ଶୁଟିଂ', 'ବିଚ୍ ଭଲିବଲ୍', 'ୱାଟର୍ ରୋଲର୍' ଆଦି ରହିବ। ଏହାବ୍ୟତୀତ ସ୍ୱତନ୍ତ୍ର ଫୁଡ୍ ଫେଷ୍ଟିଭାଲ ଓ ବିଚ୍ ମାର୍କେଟ୍‌ର ମଜା ସାଧାରଣ ଲୋକ ନେଇପାରିବେ। ଆଇଜି ପ୍ରିୟଦର୍ଶୀଙ୍କ ନେତୃତ୍ୱରେ ୧୦ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଚନ୍ଦ୍ରଭାଗାଠାରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୪୯ ଦିନ ଧରି ଏହି ଉତ୍ସବ ଆୟୋଜିତ ହେବ।



'ମେରାଇନ ଡ୍ରାଇଭ ଇକୋ ରିଟ୍ରିଟ'କୁ ଉଦ୍‌ଘାଟନ କରିବା ପରେ ବେଳାଭୂମିରେ କିଛିକ୍ଷଣ ବିତାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ଶକ୍ତି ସଂରକ୍ଷଣ କରାଗଲେ ଉତ୍ତାପ ବୃଦ୍ଧି ହ୍ରାସ ପାଇବ

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**




ମନୁଷ୍ୟର ଦୈନନ୍ଦିନ ଜୀବନଯାପନ ପାଇଁ ଶକ୍ତିର ଜରୁରୀ ଆବଶ୍ୟକତା ରହିଛି। ପେଟ୍ରୋଲ, ଡିଜେଲ, କୋଇଲା, ଜୈବ ଇନ୍ଧନରୁ ଶକ୍ତି ଉତ୍ପାଦନ ଯୋଗୁ ବହୁ ମାତ୍ରାରେ ଅଙ୍ଗାରକାମ୍ଳ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି। ଫଳରେ ତାପମାତ୍ରା ବୃଦ୍ଧିପାଉଛି। ଏଥିପ୍ରତି ସଚେତନ ହୋଇ ଶକ୍ତି ସଂରକ୍ଷଣ କଲେ ଉତ୍ତାପ ବୃଦ୍ଧି ହ୍ରାସ ପାଇବ ବୋଲି ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଶନିବାର ସୂଚନା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟୁତ ଶକ୍ତି ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ବିଷ୍ଣୁପଦ ସେଠୀ, ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ଦେବତା, ସର୍ବୋଚ୍ଚ ଯନ୍ତ୍ରୀ ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ ଶକ୍ତି ସଂରକ୍ଷଣ ଉପରେ କହିଥିଲେ। ଏହି ଅବସରରେ ଲିଖିତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଶକ୍ତି ସଂରକ୍ଷଣ ପ୍ରକଳ୍ପ ନିମନ୍ତେ ବିଭିନ୍ନ ଅନୁଷ୍ଠାନକୁ ରାଜ୍ୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟଯନ୍ତ୍ରୀ ପ୍ୟାରୀମୋହନ ମିଶ୍ର ଧନ୍ୟବାଦ ଦେଇଥିଲେ। ପରେ ମନ୍ତ୍ରୀ ମିଶ୍ର ଓ ଅନ୍ୟ ଅତିଥିମାନେ ବୈଦ୍ୟୁତିକ ଗାଡ଼ି, କମ୍ ଶକ୍ତିରେ ଚାଲୁଥିବା ଏସି, ଫ୍ରିଜ, ଫ୍ୟାନ ଓ ସୌରଶକ୍ତି ଚାଳିତ ଉପକରଣଗୁଡ଼ିକୁ ନେଇ ଆୟୋଜିତ ପ୍ରଦର୍ଶନୀକୁ ବୁଲି ଦେଖିଥିଲେ।

ସକାଳ ୮ଟାରେ ଶକ୍ତି ସଂରକ୍ଷଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ରାଜ୍ୟରୁ ବହୁ ଛାତ୍ରୀଛାତ୍ର ଯୋଗଦେଇ ପ୍ଲାକାର୍ଡ ଧରି ଶକ୍ତି ସଂରକ୍ଷଣର ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରାକୁ ସଚିବ ବିଷ୍ଣୁପଦ ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିବା ସହିତ ଶକ୍ତି ସଂରକ୍ଷଣ ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ।

# କୋଷ୍ଟାଲ ଟ୍ରେକିଂରେ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ବାର୍ତ୍ତା

**ପୁରୀ ଅଫିସ, ୧୪।୧୨**

ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଏବଂ ଆଗାମୀ ପିଢ଼ିଙ୍କୁ ପ୍ରକୃତି ସହ ଯୋଡ଼ିବାର ବାର୍ତ୍ତା ନେଇ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ ଆଡଭେଞ୍ଚର କ୍ଲବ (ବିସିଏସି) ଏବଂ ବେୟାରଫୁଟ ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଛି ପୁରୀ-ଚିଲିକା କୋଷ୍ଟାଲ ଟ୍ରେକିଂ। ସକାଳେ ପୁରୀ ମଡେଲ ବିଚ୍‌ଠାରୁ ଚିଲିକାର ପ୍ରାକୃତିକ ମୁହାଣ ଧଳାବାଲି ଅଭିମୁଖେ ଏହି ଟ୍ରେକିଂକୁ ଏସ୍‌ପି ଉମାଶଙ୍କର ଦାଶ ଶୁଭାରମ୍ଭ କରିଥିଲେ। ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ପଦଯାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରାୟ ୩୦ କିମି ଏହି ପଦଯାତ୍ରାରେ ୫୦ରୁ ଊର୍ଦ୍ଧ୍ୱ ମହିଳା, ଯୁବକ, ବୁଦ୍ଧିଜୀବୀ ଏବଂ ପ୍ରଶାସକ ସାମିଲ ଥିଲେ। ଏମାନେ ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷା, ବେଳାଭୂମି ସ୍ୱଚ୍ଛ ରଖିବା ଏବଂ ସାମୁଦ୍ରିକ ପର୍ଯ୍ୟାବରଣ ସୁରକ୍ଷା ନେଇ ପର୍ଯ୍ୟଟକ ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ମଧ୍ୟାହ୍ନ ସୁଦ୍ଧା ଏହି ଦଳ ୧୪କିମି ଅତିକ୍ରମ କରି ବାଳିହରଚଣ୍ଡୀ ନିକଟରେ ପହଞ୍ଚିଥିଲେ। ସେଠାରେ ମଧ୍ୟାହ୍ନଭୋଜନ କରିବା ସହ ବିଶ୍ରାମ ନେବା ପରେ ବାକି ୧୬ କିମି ଯାତ୍ରା ଆରମ୍ଭ କରିଥିଲେ। ସନ୍ଧ୍ୟା ସୁଦ୍ଧା ଏହି ପଦଯାତ୍ରୀ ଦଳ ଧଳାବାଲି ମୁହାଣଠାରେ ପହଞ୍ଚି ବେଳାଭୂମି ସଫେଇ କରିଥିଲେ। ଏହି କୋଷ୍ଟାଲ ଟ୍ରେକିଂରେ ବିସିଏସି ସଭାପତି ସଞ୍ଜୀବ ପଣ୍ଡା, ସନ୍ତୋଷ ରାଉତ, ଗୋପାଳ ସାହୁ, ସ୍ନେହାଶିଷ ମହାନ୍ତି, ରଞ୍ଜନ ମହାପାତ୍ର, ରମେଶ ସାହୁ ପ୍ରମୁଖ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ବେୟାରଫୁଟରେ ସମ୍ପାଦକ ଯୁଗବ୍ରତ କର, ନଟବର ସାହୁ ଏବଂ ଶାନ୍ତିରଞ୍ଜନ ମିଶ୍ର ପରିଚାଳନା କରିଥିଲେ।



ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳାକୁ ଦେଖୁଛନ୍ତି ସଚେତନତା ପଦଯାତ୍ରାରେ ସାମିଲ ଲୋକେ।

## ୨୩୫ତମ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମ

# ଆଣ୍ଟାର୍କଟିକାରେ ଫଟୋ ଉଠାଇବା ପରେ ମିଳିଥିଲା ପ୍ରେରଣା

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଜେଡିସିଏ ଭୁବନେଶ୍ୱର ପକ୍ଷରୁ ପ୍ରତି ମାସ ଦ୍ୱିତୀୟ ଶନିବାର ଆୟୋଜିତ ହେଉଥିବା ମିଟ୍ ଦ ଆର୍ଟିଷ୍ଟ (କଳାକାରଙ୍କ ସାଙ୍ଗେ)ର ୨୩୫ତମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାପଲ୍ଲୀ ଭିଆଇପି କଲୋନୀସ୍ଥିତ ଜେଡିସିଏର ମୁଖ୍ୟାଳୟରେ 'ଫଟୋଗ୍ରାଫିର ସନ୍ଧାନରେ' ବିଷୟବସ୍ତୁ ଉପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାକାର ଗୌତମବୁଦ୍ଧ ମୁଖାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଫଟୋଗ୍ରାଫି ବିଷୟରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ୧୯୮୭ରେ କେନ୍ଦ୍ର ସରକାରଙ୍କ ତରଫରୁ ଆଣ୍ଟାର୍କଟିକା ଯାଇଥିବାବେଳେ ସରକାରୀ କର୍ତ୍ତବ୍ୟ ସମ୍ପାଦନ କରି ଅନେକ ଫଟୋ ଉଠାଇଥିଲି। ଏହି ସୁଖଦ ଓ ଅକସ୍ମାତ ଅନୁଭୂତି ପରବର୍ତ୍ତୀ ସମୟରେ ଅଧିକ ଫଟୋ ଉତ୍ତୋଳନ ପାଇଁ ପ୍ରେରଣା ଦେଇଥିଲା। ପରେ ରାଜସ୍ଥାନର ଭ୍ରାମ୍ୟମାଣ ରାଇକାସ ସମ୍ପ୍ରଦାୟ ଲୋକମାନଙ୍କର ଅତି ପ୍ରାଚୀନ ଜୀବନଶୈଳୀ ଦ୍ୱାରା ପ୍ରଭାବିତ ହୋଇ ଭିନ୍ନ ଫଟୋ ଉଠାଇ ଥିବାରୁ ସେମାନଙ୍କ ନିମନ୍ତେ ଯୋଜନା କରିବା ପାଇଁ ସହାୟକ ହୋଇଥିଲା। ସେହିପରି ବିଭିନ୍ନ ରାଜ୍ୟର ବିଧବା ବୃଦ୍ଧାମାନଙ୍କର ଜୀବନଚର୍ଯ୍ୟା ବିଷୟରେ ଅନେକ ଫଟୋ ଉତ୍ତୋଳନ କରି ସେମାନଙ୍କ ଜୀବନଧାରା ସମ୍ପର୍କରେ ଗଭୀର ଅଧ୍ୟୟନ କରିଥିବା ପ୍ରକାଶ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଡ. ଅରବିନ୍ଦ ବେହେରା ଅତିଥି ମୁଖାର୍ଜୀଙ୍କୁ ସମ୍ମାନିତ କରିଥିଲେ। ଏଥିରେ ଦିଗମ୍ବର ଶତପଥୀ, ରତ୍ନମାଳା ମିଶ୍ର, ମଙ୍ଗଳା ପ୍ରସାଦ ମହାନ୍ତି, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ସାମିଲ ଥିଲେ। ବିଶ୍ୱଜିତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରାମହରି ଜେନା ଧନ୍ୟବାଦ ଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ଆକାଶ



ରାକେଶ



ବିକ୍ରମ



ପ୍ରତାପ



ରାଜେଶ



ରାମଚନ୍ଦ୍ର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ସ୍ୱଚ୍ଛ ଭୁବନେଶ୍ୱର ପାଇଁ ଅଭିନବ ନିଷ୍ପତ୍ତି

# ୫ଶହ ଗ୍ରାମ୍ ପ୍ଲାଷ୍ଟିକ୍ ଦେଲେ 'ଆହାର' ମିଲ୍

**ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ)**

ସ୍ୱଚ୍ଛ ସହର ତାଲିକାରେ ଭୁବନେଶ୍ୱରକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଜୋର୍‌ଦାର ଉଦ୍ୟମ ଚଳାଇଛି। ଶୁକ୍ରବାର ସହରବାସୀଙ୍କୁ ସଚେତନ କରିବାକୁ ସ୍ୱଚ୍ଛତା ରଥ ପରିକ୍ରମା ଆରମ୍ଭ କରିଥିବାବେଳେ ସହରକୁ ପ୍ଲାଷ୍ଟିକମୁକ୍ତ ରଖିବାକୁ ଶନିବାର ଆଉଏକ ଅଭିନବ ନିଷ୍ପତ୍ତି ନିଆଯାଇଛି। ୫ଶହ ଗ୍ରାମ୍ ପଲିଥିନ କିମ୍ବା ପ୍ଲାଷ୍ଟିକ୍ ଦେଲେ ବିଏମ୍‌ସି ଦ୍ୱାରା ପରିଚାଳିତ ୧୧ ଆହାର କେନ୍ଦ୍ର ମଧ୍ୟରୁ ଯେ କୌଣସିଠାରେ ଗୋଟିଏ ମିଲ୍ ଖାଇପାରିବେ। ଆସନ୍ତା ସୋମବାରଠାରୁ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି।

ସହର ଭିତରେ ଏଣେତେଣେ ପ୍ଲାଷ୍ଟିକ ପଡି ପ୍ରଦୂଷଣ ସୃଷ୍ଟି କରୁଛି। ବହୁ ସମୟରେ ବିଏମ୍‌ସି ପକ୍ଷରୁ ଚଢାଉ କରାଯାଇ ଲକ୍ଷ ଲକ୍ଷ ଟଙ୍କାର ପ୍ଲାଷ୍ଟିକ ସାମଗ୍ରୀ ଜବତ କରିବା ସହ ଜରିମାନା ଆଦାୟ କରାଯାଉଛି। ଏଥିସହ ସଚେତନତା କରାଯାଉଛି। ତଥାପି ସୁଫଳ ମିଳୁନି। ଏଣିକି ଆହାର କେନ୍ଦ୍ରଗୁଡ଼ିକ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିବ। ଅଧକିଲୋ ପ୍ଲାଷ୍ଟିକ ବର୍ଜ୍ୟ ଦେଲେ ଜଣଙ୍କୁ ଗୋଟିଏ ଆହାର କୁପନ ମିଳିବ। ପ୍ଲାଷ୍ଟିକ ପାଣିବୋତଲ, ପ୍ଲାଷ୍ଟିକ ଜରି କିମ୍ବା ଯେକୌଣସି ପ୍ଲାଷ୍ଟିକ ସାମଗ୍ରୀ ସଂଗ୍ରହ କରି ଦେବାକୁ ଲୋକଙ୍କୁ ବିଏମ୍‌ସି ଅନୁରୋଧ କରିଛି। ୟୁଏନ୍‌ଡିପି ଓ ଟଚ୍ ଷ୍ଟୋନ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ବିଏମ୍‌ସି ଏହି ଯୋଜନାରେ ସଫଳତା ପାଇବାକୁ ଆଶା ରଖିଛି।




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଦି ପ୍ରେସ୍ କ୍ଲବ ଓଡ଼ିଶାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସେଲ୍ଫ ରିଲିଆନ୍ସ ପକ୍ଷରୁ ଶନିବାର ଅନୁଷ୍ଠିତ ଭାରତ ବିକାଶ ଆୱାର୍ଡ ଏବଂ ଜାତୀୟ ସେମିନାରରେ ଡା. ରଙ୍ଗଶ୍ରୀ କିଶୋରଙ୍କୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆୱାର୍ଡ ପ୍ରଦାନ କରୁଛନ୍ତି।



“ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ୫ ଶିଶୁ ଶ୍ରମିକ ଉଦ୍ଧାର

**ବାଲିପାଟଣା,୧୪।୧୨(ଡି.ଏନ୍.ଏ.):** ବାଲିପାଟଣା ପୋଲିସ ଶନିବାର ୫ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି। ସୂଚନା ଅନୁଯାୟୀ, ବିହାର ସମର୍ଥପୁର ଜିଲାର ଭୋଲା ଶନି ୫ ଜଣ ୧୪ବର୍ଷର କମ ପିଲାଙ୍କୁ ଗୁପଚୁପ ବିକ୍ରି କରିବାରେ ନିୟୋଜିତ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ୫ ଜଣଙ୍କୁ ଉଦ୍ଧାର କରିଥିଲା। ସିଡବ୍ଲ୍ୟୁସି ସଂଯୋଜିକା ରିଲିନା ପାତ୍ରଙ୍କ ନେତୃତ୍ୱରେ ୩ଜଣ ଅଧିକାରୀ ଥାନାରେ ପହଞ୍ଚି ଶିଶୁମାନଙ୍କୁ ନିଜ ଅକ୍ତିଆରକୁ ନେଇଥିଲେ। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ରାଜ୍ୟ ବନାଞ୍ଚଳ ଅଧିକାରୀ ସଂଘର ସାଧାରଣ ଅଧିବେଶନ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)-** ଭୁବନେଶ୍ୱରସ୍ଥିତ ସିଲିଭିକଲଚର ପ୍ରେକ୍ଷାଳୟରେ ରାଜ୍ୟ ବନ ବିଭାଗ ବନାଞ୍ଚଳ ଅଧିକାରୀଙ୍କ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଣବ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ଆବଶ୍ୟକତା, ଗୁରୁତ୍ୱ ଓ ସଭ୍ୟାସଭ୍ୟଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଉତ୍ତମ କୁମାର ଗଡ଼ନାୟକଙ୍କୁ ସଭାପତି, ଅସିତ୍ କୁମାର ମିଶ୍ରଙ୍କୁ ସମ୍ପାଦକ, ସୋନାଲି ସିଓଙ୍କୁ ଯୁଗ୍ମ ସମ୍ପାଦକ, ସଂଗ୍ରାମ କେଶରୀ ମହାନ୍ତିଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଏହି ଅବସରରେ ନୂତନ ଭାବେ ନିର୍ବାଚିତ ସଂଘ କର୍ମକର୍ତ୍ତା ଶପଥପାଠ କରିଥିଲେ। ସଭାରେ ଆଲୋକ ରଞ୍ଜନ ହୋତା, ଜାନକୀ ବଲ୍ଲଭ ପଟ୍ଟନାୟକ, ରମାକାନ୍ତ ନାୟକ, ସୁରେଶଚନ୍ଦ୍ର ହୋତା ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଧନୁ ମାସ ଲାଗି ଶ୍ରୀଲିଙ୍ଗରାଜଙ୍କ ନୀତି ନିର୍ଘଣ୍ଟ

**ପୁରୁଣା ଭୁବନେଶ୍ୱର, ୧୪।୧୨ (ଡି.ଏନ.ଏ.)** - ଆସନ୍ତା ସୋମବାର ଧନୁ ସଂକ୍ରାନ୍ତି। ଏହି ଦିନଠାରୁ ଏକ ମାସ ବ୍ୟାପୀ ଧନୁମାସ ଯାକ ଶ୍ରୀଜୀଉଙ୍କ ସଅଳ ନୀତି ହେବ। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଠାକୁରଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ଭୋର ୫ଟାରେ ମଙ୍ଗଳ ଆଳତି, ସାଢ଼େ ୫ଟାରେ ହୋମ, ୬ଟାରେ ମହାସ୍ନାନ, ୭ଟାରେ ସକାଳ ଧୂପ ସମାପ୍ତ, ସକାଳ ୯ଟାରେ ଭୋଗ ମଣ୍ଡପ ସମାପ୍ତ, ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସାହାଣ ମେଲା ଦର୍ଶନ କରାଯିବ। ସାଢ଼େ ୨ଟା ମଧ୍ୟରେ ବେଶ, ଅପରାହ୍ନ ୩ଟା ମଧ୍ୟରେ ବଲ୍ଲଭ, ଅପରାହ୍ନ ୪ଟାରେ ଦ୍ୱିପ୍ରହର ଧୂପ ସମାପ୍ତ, ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ପହୁଡ଼, ଅପରାହ୍ନ ୫ଟାରେ ସନ୍ଧ୍ୟା, ସାଢ଼େ ୫ଟାରେ ଟେରାଫିଟା, ସନ୍ଧ୍ୟା ସାଢ଼େ ୫ଟାଠାରୁ ୬ଟା ପର୍ଯ୍ୟନ୍ତ ସାହାଣ ମେଲା ଦର୍ଶନ, ସନ୍ଧ୍ୟା ସାଢ଼େ ୭ଟା ମଧ୍ୟରେ ସନ୍ଧ୍ୟା ଧୂପ, ବଡସିଂହାର ସମାପ୍ତ ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

### ଜବରଦଖଲ ଉଚ୍ଛେଦ ବେଳେ ଉଦ୍ଧାର ହେଲା ମା’ ମଙ୍ଗଳାଙ୍କ ପ୍ରତିମୂର୍ତ୍ତି

**ପୁରୁଣା ଭୁବନେଶ୍ୱର,୧୪। ୧୨ (ଡି.ଏନ.ଏ.)-** ଶ୍ରୀଲିଙ୍ଗରାଜ ମନ୍ଦିର ଦକ୍ଷିଣ ଦ୍ୱାର ହାଟ ପାଖକୁ ଥିବା ତାରିଣୀ ମନ୍ଦିର ମିଳିତ ଉଚ୍ଛେଦ ଟିମ୍ ଭାଙ୍ଗିବା ସମୟରେ ଶୁକ୍ରବାର ସେଠାରୁ ମା’ ମଙ୍ଗଳାଙ୍କ ଏକ ପ୍ରତିମୂର୍ତ୍ତି ଉଦ୍ଧାର ହୋଇଥିଲା। ଏହି ପ୍ରତିମୂର୍ତ୍ତିକୁ ପୋଲିସ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ହସ୍ତାନ୍ତର କରିଥିଲା। ପରେ ଶନିବାର ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ସେବାୟତଙ୍କ ପରାମର୍ଶକ୍ରମେ ପ୍ରତିମୂର୍ତ୍ତିକୁ ନୂତନବସ୍ତ୍ର ପରିଧାନ ପୂର୍ବକ, ପୂଜାର୍ଚ୍ଚନା କରାଯାଇଥିଲା।



‘ଆସ୍କ୍ ମି ଏନିଥିଂ’: ଲୋକଙ୍କ ଉତ୍ତର ରଖିଲେ ପୋଲିସ କମିଶନର

# ରାଜଧାନୀରେ ଖୁବ୍‌ଶୀଘ୍ର ଇ-ପୋଲିସ ଷ୍ଟେସନ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଆସ୍କ ମି ଏନିଥିଂ କାର୍ଯ୍ୟକ୍ରମ ଜରିଆରେ ଲୋକେ ଟୁଇଟ୍‌ରେ ପଚାରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି ପୋଲିସ କମିଶନର। ଗତ ୧୨ତାରିଖ ସୁଦ୍ଧା ପ୍ରାୟ ୩୦୦ ପ୍ରଶ୍ନ ପଚରାଯାଇଥିଲା। ଶନିବାର ଅପରାହ୍ନ ୫ଟାରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଫେସ୍‌ବୁକ ଓ ଟୁଇଟର ଲାଇଭରେ ଆସି ସେହି ସବୁର ଉତ୍ତର ରଖିଛନ୍ତି। ବିଶେଷକରି ଆଇନଶୃଙ୍ଖଳା, ଟ୍ରାଫିକ ସମସ୍ୟା, ପୋଲିସର ବ୍ୟବହାର ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ ଅଧିକ ପ୍ରଶ୍ନ ରହିଥିଲା।

ପୋଲିସ ଉପରେ ଟାଜନୈତିକ ଚାପ ରହୁଛି। ପୋଲିସ ଏ ଦିଗରେ କିଭଳି କାମ କରୁଛି ବୋଲି ଅନେକ ଲୋକ ପଚାରିଥିଲେ। କମିଶନର କହିଥିଲେ, ସୋସିଆଲ ମିଡିଆ, ଡିଜିଟାଲ ମିଡିଆ ଆସିବା ପରଠୁ ପୋଲିସ ଉପରେ ଚାପ କମିଛି। କାରଣ କୌଣସି ନେତା ଅବା ସରକାରୀ ଉଚ୍ଚ ପଦବୀରେ ଥିବା ବ୍ୟକ୍ତି ଅପରାଧ କଲେ ଖସିବାର ବାଟ ନାହିଁ। ଏହା ତୁରନ୍ତ ସୋସିଆଲ ମିଡିଆରେ ପ୍ରଚାର ହୋଇଯାଉଛି। ଫଳରେ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସହଜ ହେଉଛି। ସେହିପରି ମୋବାଇଲ ଫୋନ୍‌ରେ ଏଫ୍‌ଆଇଆର୍ ଦେବା ନେଇ ପ୍ରଶ୍ନର ଉତ୍ତରରେ କମିଶନର କହିଥିଲେ, ସିଆର୍‌ପିସି ୧୫୪ ଅନୁଯାୟୀ ଥାନାରେ ଲିଖିତ ଅଭିଯୋଗ କରିବାକୁ ପଡ଼ିବ। ତେବେ ଏଥିଲାଗି ଭୁବନେଶ୍ୱରରେ ଖୁବ୍‌ଶୀଘ୍ର ଇ-ପୋଲିସ ଷ୍ଟେଶନ ଖୋଲାଯିବ। ଯେଉଁଥିରେ ମୋବାଇଲ୍ ଓ ବାଇକ ଲୁଟ୍ ଭଳି ଛୋଟ ଛୋଟ ଅଭିଯୋଗ ଫୋନ୍ ମାଧ୍ୟମରେ କରିହେବ। ରାଜଧାନୀର କେଉଁ ଥାନା ଅଞ୍ଚଳରେ ନିଶା ବେପାର ହେଉଛି ବୋଲି ଲୋକେ ପଚାରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଷଡଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଥାନାକୁ ଅଭିଯୋଗ କରିବାକୁ ଗଲେ ପୋଲିସ ଅଭିଯୋଗ କପି ସହ ଆଧାରକାର୍ଡ ମାଗୁଛି, ଏହା କ’ଣ ଠିକ୍ ବୋଲି ଲୋକେ ପଚାରିଥିଲେ। ଏହା ଠିକ୍ ନୁହେଁ ବୋଲି ପୋଲିସ କମିଶନର କହିବା ସହ ଯେଉଁ ଥାନାରେ ଏଭଳି ମାଗୁଛନ୍ତି ଜଣାଇବାକୁ କହିଛନ୍ତି। ଥାନାରେ ଅଭିଯୋଗକାରୀଙ୍କ ପ୍ରତି ପୋଲିସର ବ୍ୟବହାର ଠିକ୍ ରହୁଛି, କିନ୍ତୁ ଅଭିଯୁକ୍ତଙ୍କ ପ୍ରତି ଖରାପ ବ୍ୟବହାର ହେଉଥିବା ଜଣେ ବ୍ୟକ୍ତି କହିଥିଲେ। ଏ ନେଇ ଅବଗତ ନ ଥିବା କମିଶନର ଷଡଙ୍ଗୀ କହିବା ସହ ଆଗାମୀ ଦିନରେ ବୈଠକ କରି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏଥିପ୍ରତି ସଚେତନ କରାଯିବ ବୋଲି କହିଛନ୍ତି। ଥାନା ପରିସରରେ ଗଦା ହେଉଥିବା ଜବତ ଗାଡ଼ି ଓ ଚେନ୍ ଲୁଟ ସମେତ କଟକ ସହରରେ ଗତ ୧୨ତାରିଖରେ ଘଟିଥିବା ଦମ୍ପତି ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ କେବେ ହେବ ବୋଲି ଅନେକେ ପଚାରିଥିଲେ। ପୋଲିସ କମିଶନରଙ୍କ ଏଭଳି ଲାଇଭ ଉତ୍ତର କାର୍ଯ୍ୟକ୍ରମକୁ ସାଧାରଣରେ ସ୍ୱାଗତ କରାଯାଇଛି।




ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଲାଇଭ୍ ଶୋ ଜରିଆରେ ଅଭିଯୋଗ ଶୁଣୁଛନ୍ତି।

■ସୋସିଆଲ ମିଡିଆ ଯୋଗୁ ପୋଲିସ ଉପରୁ ଚାପ କମିଛି

ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

# ପେଟରେ ଗଭୀର କ୍ଷତକୁ ସନ୍ଦେହ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

■ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକଙ୍କ ବୟାନ

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଯୁବକଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁ। ଏହି ମୃତ୍ୟୁକୁ ନେଇ ନାନା ସନ୍ଦେହ ଉପୁଜିଛି। ଯୁବକ ଜଣକ ପିଇପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହୁଥିବାବେଳେ ଯୁବକଙ୍କ ପେଟରେ ଗଭୀର କ୍ଷତ ଚିହ୍ନ ଘଟଣାକୁ ରହସ୍ୟାବୃତ କରିଦେଇଛି। କୌଣସି ଏକ ଧାରୁଆ ଅସ୍ତ୍ରରେ ପେଟକୁ ଭୁସି ଦିଆଯାଇଥିବା ଭଳି ଜଣାପଡୁଛି। ମଞ୍ଚେଶ୍ୱର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦୦/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଘଟଣାର ଖୋଳତାଡ଼ ଆରମ୍ଭ କରିଛି।

ପୋଲିସ ପରିବାର ଲୋକଙ୍କୁ ପଚରାଉଚରା କରିଥିଲା। ସେମାନଙ୍କ କହିବାନୁସାରେ, ପାରିବାରିକ କଳହକୁ କେନ୍ଦ୍ର କରି କୃଷ୍ଣଚନ୍ଦ୍ର ଘର ଭିତରେ ବିଷପିଇ ଶୋଇଥିଲେ। ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ ରାଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ କେନ୍ଦ୍ରାପଡା ମେଡିକାଲ ଓ ଏହାପରେ କଟକ ବଡ଼ମେଡିକାଲକୁ ନିଆଯାଇଥିଲା। ସେଠାରୁ କଟକର ଏକ ଘରୋଇ ହସ୍ପିଟାଲ ଓ ପରେ ଭୁବନେଶ୍ୱରସ୍ଥିତ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଏନେଇ ମଞ୍ଚେଶ୍ୱର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ କହିଛନ୍ତି, ଯୁବକଙ୍କ ପେଟରେ ଗଭୀର କ୍ଷତ ଚିହ୍ନ ରହିଥିବାରୁ ଏହା ଭିନ୍ନ କିଛି ଘଟଣା ବୋଲି ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ରାଜନଗର ପୋଲିସକୁ ତଥ୍ୟ ଦିଆଯିବ ଓ ସେମାନେ ତଦନ୍ତ କରିବେ। ରାଜନଗର ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି, ଆମ ନିକଟରେ ଏପରି କୌଣସି ଅଭିଯୋଗ ହୋଇନାହିଁ କି ଖବର ଆସିନାହିଁ। କେବଳ ମଞ୍ଚେଶ୍ୱର ଥାନା ପୋଲିସ ଫୋନ୍ କରି ବିଷପିଇ ଯୁବକ ଜଣକ ଆତ୍ମହତ୍ୟା କରିଥିବା କହିଥିଲେ। ଯଦି ତାଙ୍କ ପେଟରେ କ୍ଷତଚିହ୍ନ ରହିଥିବ ତାହାଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

# ନାବାଳକଙ୍କ ସମେତ ୬ ଧରାପଡ଼ିଲେ

**ଝାଁଳା,୧୪।୧୨(ଡି.ଏନ.ଏ.):**

ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଏକ ଘରୋଇ କଲେଜର ଛାତ୍ର ଜଗତ୍‌ଜିତ ଗଜେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଟଣୀ ପୋଲିସ ୬ ଜଣଙ୍କୁ ଧରିଛି। ୬ ଜଣଙ୍କ ମଧ୍ୟରେ ଥିବା ଜଣେ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ସୁଧାର ଗୃହକୁ ପଠାଇଛି। ଗିରଫ ଅନ୍ୟ ୫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଗିରଫ ୫ ଜଣ ହେଲେ ଜଟଣୀ କାଇମାଟିଆ ଗ୍ରାମର ସନ୍ଦୀପ ପରିଡା ଓରଫ ସୋନୁ, ମଦନପୁର ଗ୍ରାମର ସାର୍ଥକ ଜେନା, ଭୁବନେଶ୍ୱର କପିଳପ୍ରସାଦର ସନ୍ଦୀପ ଦାସ ଓରଫ ବଣ୍ଟି, ଦେବୀପ୍ରସାଦ ସେଠୀ ଓରଫ କିକି, ଭୀମଟାଙ୍ଗୀର ସନ୍ତୋଷ ସେନାପତି। ଗତ ୧୦ ତାରିଖ ପୂର୍ବାହ୍ନ ୧୨ଟାରେ ଏହି ଘରୋଇ କଲେଜ ନିକଟରେ ଛିଡା ହୋଇଥିବା ଜଗତଜିତ୍ ଉପରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ସୁନ୍ଦରପଦା ଅମରେଶ ନାୟକ ହତ୍ୟା ଘଟଣାର ପ୍ରତିଶୋଧ ନେବା ପାଇଁ ଏପରି ଆକ୍ରମଣ କରାଯାଇଥିବା ଏହା ପଛର କାରଣ ବୋଲି ପୋଲିସ କହିଛି। ଦୀପାବଳି ରାତିରେ ସୁନ୍ଦରପଦାସ୍ଥିତ ଏକାମ୍ର କଲେଜ ନିକଟରେ ଅମରେଶଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଜଗତ୍‌ଜିତଙ୍କ ବଡ଼ଭାଇ ଅଭିଯୁକ୍ତ ରହି ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଜଗତ୍‌ଜିତ ଉପରେ ସଂଘବଦ୍ଧ ଆକ୍ରମଣରେ ଦୁଇଜଣ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକଙ୍କୁ ଧରି ପୋଲିସ ସୁଧାରଗୃହକୁ ପଠାଇଛି। ତେବେ ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଏ ନେଇ ନଂ. ୪୯୬/୧୯ରେ ମାମଲା ରୁଜୁ ହୋଇଛି।

### ମାନସିକ ବିକାରଗ୍ରସ୍ତ ବୃଦ୍ଧଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ନୟାପଲ୍ଲୀ ଥାନା ବ୍ରିଟ୍ କଲୋନୀରେ ରହୁଥିବା ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଲଲାଟେନ୍ଦୁ ରାୟ(୭୨)। ଖବର ପାଇ ପୋଲିସ ଶନିବାର ସକାଳେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୨୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ଲଲାଟେନ୍ଦୁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଚାକିରି କରୁଥିଲେ। ଅବସର ପରେ ବ୍ରିଟ୍ କଲୋନୀସ୍ଥିତ ଘରେ ରହୁଥିଲେ। କିଛିଦିନ ତଳେ ସେ ମାନସିକ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ରାତିରେ ବୃଦ୍ଧ ଜଣକ ଖାଇସାରି ଶୋଇବାକୁ ନିଜ ରୁମ୍‌କୁ ଯାଇଥିଲେ। ସକାଳେ ତାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

# ଭୁବନେଶ୍ୱର ରେଳ ଷ୍ଟେଶନରେ ବୋମା ନିଷ୍କ୍ରିୟ ମକ୍ ଡ୍ରିଲ

**ଭୁବନେଶ୍ୱର, ୧୪।୧୨(ବ୍ୟୁରୋ)**

ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ଶୁକ୍ରବାର ବିଳମ୍ବିତ ରାତିରେ ବୋମା ନିଷ୍କ୍ରିୟ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ପିଏଫ, ଜିଆର୍‌ପି ଓ ବୋମା ନିଷ୍କ୍ରିୟକାରୀ ଦଳ ସାମିଲ ଥିଲେ। ଷ୍ଟେଶନରେ ବୋମାର ସୂଚନା ମିଳିଲେ କିଭଳି ସର୍ଚ୍ଚ ଅପରେଶନ କରାଯିବ, ଯାତ୍ରୀଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ଓ ବୋମାକୁ ନିଷ୍କ୍ରିୟ କରାଯିବା ନେଇ ଏକ ମକ୍‌ଡ୍ରିଲ କରାଯାଇଥିଲା। ଆର୍‌ପିଏଫ୍ ଆଇଆଇସି କାଳୁ ସେଠୀ, ଜିଆର୍‌ପି ଆଇଆଇସି ଭରତ ସାହୁ, ଷ୍ଟେଶନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

ମକ୍ ଡ୍ରିଲ୍‌ର ଚିତ୍ର ଥିଲା ଏହିଭଳି। ପ୍ଲାଟଫର୍ମ ନଂ.୬କୁ ହଠାତ୍ ଜଣେ ବ୍ୟକ୍ତି ହଳଦିଆ ବ୍ୟାଗ୍ ଧରି ରାତି ପ୍ରାୟ ୧୦ଟା ୫୦ ପ୍ରବେଶ କରିଥିଲେ। ସବୁଆଡ଼କୁ ନଜର ଚାହିଁ ସ୍ଥିତିକୁ ପରଖିବା ପରେ ପୋଲ୍ ନଂ.୧୩୮ ନିକଟରେ ଉକ୍ତ ବ୍ୟାଗ ରଖି ଉଭାନ ହୋଇଯାଇଥିଲେ। ସିସିଟିଭି ଦାୟିତ୍ୱରେ ଥିବା ଆର୍‌ପିଏଫ୍ କର୍ମଚାରୀ ଏହା ଦେଖିବାମାତ୍ରେ ତୁରନ୍ତ ଥାନାକୁ ଖବର ଦେଇଥିଲେ। ଡ୍ୟୁଟିରେ ଥିବା ଏସ୍‌ଆଇ ଅମିତ କୁମାର ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ଜିଆର୍‌ପି ଆଇଆଇସି ବୋମା ନିଷ୍କ୍ରିୟକାରୀ ଦଳକୁ ଖବର ଦେଇଥିଲେ। ରାତି ୧୧ଟା ୫୦ରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ୧୨ଟା ୧୩ରେ ବୋମାକୁ ନିଷ୍କ୍ରିୟ କରିଥିଲେ।



ପୋଲିସ ଅଧିକାରୀମାନେ ଏକ ବୋମାକୁ ନିଷ୍କ୍ରିୟ କରୁଛନ୍ତି।

# ସିପେଟ୍ ପକ୍ଷରୁ ନିଯୁକ୍ତିପତ୍ର ପ୍ରଦାନ




**ଭୁବନେଶ୍ୱର, ୧୪।୧୨**

ସିପେଟ୍ ସିଏସ୍‌ଟିଏସ୍ ଭୁବନେଶ୍ୱର ଏନ୍‌ଏସ୍‌ପିସିଏଲ୍ ଭିଲାଇର ମିଳିତ ଆନୁକୂଲ୍ୟରେ ୫୦ ଜଣ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ମେଶିନ ଅପରେଟର ଟୁଲରୁମ,ମେଶିନ ଅପରେଟର ପ୍ଲାଷ୍ଟିକ ପ୍ରୋସେସିଂ ଟ୍ରେଡ୍‌ରେ ୭ ମାସିଆ ମାଗଣା ଦକ୍ଷତା ତାଲିମ ପରେ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦିଆଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ରହିଛି। ଏନ୍‌ଏସ୍‌ପିସିଏଲ୍ ଭିଲାଇର ଜେନେରାଲ ମ୍ୟାନେଜର ଭି.ଏମ୍.ରାଜନ ଏବଂ ବିଜନେସ ୟୁନିଟ ହେଡ ଏ.ୱାଶିମ୍ ଏବଂ ସିପେଟ୍‌ର ଡେପୁଟି ଡାଇରେକ୍ଟର ତଥା ମୁଖ୍ୟ ସୁଶ୍ରୀ ନିହାରିକା ପରିଡା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏଥିରେ ଆଡମିନିଷ୍ଟ୍ରେଟରୀ ଜୟନ୍ତ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ରକ୍ତଦାତା ଅନୁଷ୍ଠାନଗୁଡ଼ିକର ରାଜ୍ୟସ୍ତରୀୟ ସମ୍ମିଳନୀ

# ଶତପ୍ରତିଶତ ରକ୍ତଦାନ ପାଇଁ ଆହୁରି ସଚେତନତା ଆବଶ୍ୟକ

**ଭୁବନେଶ୍ୱର, ୧୪।୧୨ (ବ୍ୟୁରୋ)**

ରକ୍ତଦାନ କରିବା, ପୁଣ୍ୟ ଅର୍ଜିବା। ବହୁ ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟେକ ଦିନ ରକ୍ତଦାନ ଶିବିର କରାଯାଉଥିଲେ ବି ରାଜ୍ୟରେ ଏଯାବତ୍ ଶତପ୍ରତିଶତ ରକ୍ତଦାନ ହୋଇପାରୁନାହିଁ। ରକ୍ତଦାନ କରିବା ପାଇଁ ରକ୍ତଦାତାଙ୍କୁ ଆହୁରି ସଚେତନ କରିବାର ଆବଶ୍ୟକତା ରହିଛି। ରକ୍ତଦାନକୁ ଶତପ୍ରତିଶତ କରିବା ଓ ଅସହାୟଙ୍କ ଜୀବନ ବଞ୍ଚାଇବା ପାଇଁ ରାଜ୍ୟ ଉଚ୍ଚଶିକ୍ଷା ଓ କୃଷି, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମନ୍ତ୍ରୀ ଅରୁଣ ସାହୁ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱର ଇଉକଲ ଅଡିଟୋରିୟମରେ ସମର୍ପିତ ସୋସିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ଜାତୀୟସ୍ତରୀୟ ରକ୍ତଦାତା ଅନୁଷ୍ଠାନଗୁଡ଼ିକର ରାଜ୍ୟସ୍ତରୀୟ ସମ୍ମିଳନୀ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ସାହୁ ବିଜେଡିର ‘ଜୀବନ ବିନ୍ଦୁ’କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

ଅନୁଷ୍ଠାନର ଉପଦେଷ୍ଟା ତଥା ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମର୍ପିତର ସମ୍ପାଦକ ସଦାଶିବ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଓଡିଶା ଓ ଅନ୍ୟ ୨୪ ରାଜ୍ୟରୁ ଆସିଥିବା ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ରାଜ୍ୟ ହାଉସିଂବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ, କ୍ୟାପିଟାଲ ହସ୍ପିଟାଲ ବ୍ଲଡ ବ୍ୟାଙ୍କ୍ ଅଫିସର ଡ. ଦେବାଶିଷ ମିଶ୍ର, ରାଜ୍ୟ ବ୍ଲଡ୍ ଟ୍ରାନ୍ସଫ୍ୟୁଜନର ସମନ୍ୱୟକାରୀ ସ୍ୱରୂପ ଦାସ ପ୍ରମୁଖ ଯୋଗଦେଇଥିଲେ।

୩୩କେଭି ବିଦ୍ୟୁତ୍‌ରେ ରଙ୍ଗମିସ୍ତ୍ରି ଜଳିଯିବା ଘଟଣା

# ଘର ମାଲିକ ଗିରଫ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଶିଶୁ ବିହାର ଅଞ୍ଚଳରେ ଗତ ୯ ତାରିଖରେ ଏକ ଘରେ ରଙ୍ଗ ଦେଉଥିବାବେଳେ ୩୩ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରଙ୍ଗମିସ୍ତ୍ରି ଲଲନ କୁମାର ଶର୍ମା (୩୫) ଜଳିଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁକରି ଘର ମାଲିକ ରମେଶଚନ୍ଦ୍ର କୁଣ୍ଡୁଙ୍କୁ ଗିରଫ କରିଛି। ରମେଶଙ୍କ ୩ ତାଲା ଘରର ରଙ୍ଗ ଚାଲିଥିବାବେଳେ ଲଲନ ଅନ୍ୟମାନଙ୍କ ସହ ୨ତାଲାରେ ରଙ୍ଗ ଦେଉଥିଲେ। ଘର ନିକଟରେ ୩୩ କେଭି ବିଦ୍ୟୁତ୍ ତାର ଯାଇଥିବାରୁ ରଙ୍ଗ ଦେବାକୁ ସେମାନେ ମନା କରିଥିଲେ। କିନ୍ତୁ ଘର ମାଲିକ ରମେଶ ତାଗିଦ କରିବାରୁ ଲଲନ ଓ ଅନ୍ୟଜଣେ ରଙ୍ଗ ଦେବାରୁ ବିଦ୍ୟୁତ ଟାଣି ନେଇଥିଲା। ଏହାସହ ରମେଶଙ୍କ ଘର ବେଆଇନ ଭାବେ ନିର୍ମାଣ ଚାଲିଥିବାରୁ ତାଙ୍କ ଉପରେ ଏପରି ପଦକ୍ଷେପ ନିଆଯାଇଥିବା ପୋଲିସ କହିଛି।

### ଅବସରପ୍ରାପ୍ତ ବାୟୁସେନା ସୈନିକଙ୍କ ବୈଠକ

**ଭୁବନେଶ୍ୱର, ୧୪।୧୨**

ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଓଡ଼ିଆ ସୈନିକଙ୍କ କୋର୍ କମିଟି ବୈଠକ ସ୍ଥାନୀୟ ନୟାପଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭେଟରାନ ଗ୍ରୁପ କ୍ୟାପଟେନ୍ ତଥା ସଭାପତି ଜଗଦାନନ୍ଦ ବ୍ରହ୍ମା ଅଧ୍ୟକ୍ଷତା କରିଥିଲେ। ରାଜ୍ୟରେ ଅବସରପ୍ରାପ୍ତ ବାୟୁସେନା ସୈନିକ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ସମାଧାନ ପାଇଁ ଆଲୋଚନା ହୋଇଥିଲା। ଏଥିରେ ଭେଟେରାନ ଶ୍ରୀକାନ୍ତ ନାଥ ଏବଂ ଅରୁଣ ମହାନ୍ତିଙ୍କ ସମେତ ଅନ୍ୟ ଭେଟେରାନମାନେ ଉପସ୍ଥିତ ଥିଲେ।

ଏକାମ୍ର କ୍ଷେତ୍ରରେ ଆମ୍‌ସାର ଆକ୍ଟ କଡ଼ାକଡ଼ି ଲାଗୁ ହେବ: ଏଡିଜି ଏଏସ୍‌ଆଇ

# ଅବୈଧ ନିର୍ମାଣ ଭଙ୍ଗାଯିବ, ନିଯୁକ୍ତ ହେବେ ସ୍ୱତନ୍ତ୍ର ଅଧିକାରୀ

**ପୁରୁଣା ଭୁବନେଶ୍ୱର, ୧୪।୧୨ (ଡି.ଏନ.ଏ.)**

ଏକାମ୍ର କ୍ଷେତ୍ର ସହ ଅନ୍ୟ ଐତିହ୍ୟସ୍ଥଳରେ କଡ଼ାକଡ଼ି ଭାବେ ଆମ୍‌ସାର ଆକ୍ଟ ଲାଗୁ କରାଯିବ। ଏ ନେଇ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅବୈଧ ନିର୍ମାଣଗୁଡ଼ିକୁ ଭାଙ୍ଗିବାକୁ ଆବଶ୍ୟକ ସ୍ଥଳେ ଅଦାଲତ ଆଶ୍ରୟ ନିଆଯିବ। ଅତ୍ୟାବଶ୍ୟକ ପଡ଼ିଲେ ଫତେପୁର ସିକ୍ରି ଭଳି ମନ୍ଦିରର ୧୦୦ ମିଟର ପରିଧି ମଧ୍ୟରେ କୌଣସି ସ୍ଥାୟୀ, ଅସ୍ଥାୟୀ ନିର୍ମାଣ କାମ ଆଦି ନ କରାଇବାକୁ ପଦକ୍ଷେପ ନିଆଯିବ। ଘଟଣାସ୍ଥଳରେ ଏଏସ୍‌ଆଇ ପକ୍ଷରୁ ସ୍ୱତନ୍ତ୍ର ଅଧିକାରୀ ନିୟୋଜିତ କରାଯିବ ବୋଲି ଏଏସ୍‌ଆଇ ଅତିରିକ୍ତ ମହାନିର୍ଦ୍ଦେଶକ ରାକେଶ ସିଂ ଲାଲ କହିଛନ୍ତି।

ଏକାମ୍ରକ୍ଷେତ୍ରରେ ଥିବା ବିଭିନ୍ନ ଐତିହ୍ୟସ୍ଥଳରେ ଥିବା ଅବୈଧ ନିର୍ମାଣର ଉଚ୍ଛେଦ ପ୍ରସଙ୍ଗରେ ନିଜ ମତ ରଖି ଅତିରିକ୍ତ ମହାନିର୍ଦ୍ଦେଶକ ଲାଲ କହିଥିଲେ, ଐତିହ୍ୟସ୍ଥଳରେ ଜବରଦଖଲ ଓ ଅବୈଧ ନିର୍ମାଣ ଦିନକୁ ଦିନ ବୃଦ୍ଧି ପାଉଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ରାଜ୍ୟ ସରକାରଙ୍କୁ ଚିଠି ମାଧ୍ୟମରେ ଅବୈଧ ନିର୍ମାଣ ବନ୍ଦ କରିବାକୁ ଅବଗତ କରାଇଥିଲା। ହେଲେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ହିଁ ପ୍ରଥମେ ନିଜର ଅବୈଧ ନିର୍ମାଣ ଜାରି ରଖିଛି। ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ବିଡ଼ିଏ କିମ୍ବା ବିଏମ୍‌ସି କର୍ତ୍ତୃପକ୍ଷ କୌଣସି ଐତିହ୍ୟ ସ୍ଥଳ ପ୍ରୋଟେକ୍ଟେଡ଼ ଏରିଆ କିମ୍ବା ପ୍ରୋହିବିଟେଡ ଏରିଆ ମଧ୍ୟରେ ଗଢି ଉଠିଥିବା ବେଆଇନ ନିର୍ମାଣ ଉଚ୍ଛେଦ କରିପାରିନାହାନ୍ତି ବୋଲି ସେ କହିଛନ୍ତି।

ଅକ୍ଟୋବର ୨୧ରୁ ଆମ୍‌ସାର ଆକ୍ଟ ବିରୋଧରେ ହେଉଥିବା ଅବୈଧ ନିର୍ମାଣ ନେଇ କମିଶନରେଟ୍ ପୋଲିସଙ୍କ ବଡ଼ଗଡ଼ ଥାନାରେ ନଂ. ୨୧/୦୯ରେ ଏକ ମାମଲା ରୁଜୁ ହୋଇଥିଲା। ବିଜେବିନଗର ମୌଜାର ପ୍ଲଟ ନଂ. ୬୫୯ ଉପରେ ନିର୍ମାଣ ହେଉଥିବା ଉକ୍ତ ଏତଲାନାମାରେ ଉଲ୍ଲେଖଥିଲା। ଉକ୍ତ ଏତଲାର ଏକକିତା ନକଲକୁ ଏଏସ୍‌ଆଇ ଭୁବନେଶ୍ୱର ସର୍କଲ ପ୍ରତ୍ନତତ୍ତ୍ୱ ଅଧୀକ୍ଷଣ ଅଧିକାରୀଙ୍କୁ ପଠାଯିବା ସହ ସମସ୍ତ ଘଟଣା ବାବଦରେ ଅବଗତ କରାଯାଇଥିଲା। ପରେ ଏଏସ୍‌ଆଇ ପକ୍ଷରୁ ସଂରକ୍ଷଣ ଅଧିକାରୀ ସୋ-କଜ୍ ନୋଟିସ୍ ଜାରିକରି ନିଜର କର୍ତ୍ତବ୍ୟ ସାରିଦେଲେ। ଏ ନେଇ ସମ୍ପୃକ୍ତ ଅଧିକାରୀ ନିର୍ମଳ ମହାପାତ୍ରଙ୍କୁ ପଚାରିବାରୁ କାର୍ଯ୍ୟ ବନ୍ଦ କରିବାକୁ ଏଏସ୍‌ଆଇ ତରଫରୁ ଆଇନ୍‌ଗତ ପଦକ୍ଷେପ ନିଆଯାଉଛି। ଆଗକୁ କାମ ବନ୍ଦ ନ କଲେ ଏଏସ୍‌ଆଇ ନିୟମାନୁଯାୟୀ ଅଦାଲତ ଯିବ ବୋଲି କହିଥିଲେ। ଏ ନେଇ ମହାନିର୍ଦ୍ଦେଶକ ଲାଲ ଏହି ପ୍ରତିକ୍ରିୟା ଦେବା ସହ ଏଏସ୍‌ଆଇ ତା’ କାମ କରୁଛି। ଆଗକୁ ଆଉ କ’ଣ ହୋଇପାରିବ ତା’ କରିବ। ଏହାଛଡା ସେ ତତ୍‌କାଳ ଭୁବନେଶ୍ୱର ସର୍କଲ ମୁଖ୍ୟଙ୍କ ସହ ଏ ନେଇ ଆଲୋଚନା କରିବେ ଓ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ସହ ଭୁବନେଶ୍ୱର ସର୍କଲ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବେ ବୋଲି ପ୍ରକାଶ କରିଛନ୍ତି।





ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବୋମା ନିଷ୍କ୍ରିୟ ମକ୍‌ଡ୍ରିଲ

**କଟକ ଅଫିସ,୧୪।୧୨:** ବିସ୍ଫୋରକ ଦ୍ରବ୍ୟ ଠାବ କରିବା ସହ କିପରି ଏହାକୁ ନିଷ୍କ୍ରିୟ କରାଯାଇପାରିବ ସେ ନେଇ ଆରପିଏଫ ଓ ଜିଆରପି ପକ୍ଷରୁ ଶନିବାର କଟକ ରେଳଷ୍ଟେଶନ ପରିସରରେ ଏକ ମକ୍‌ଡ୍ରିଲ ହୋଇଥିଲା। ଆତଙ୍କବାଦୀ ହମଲା ଓ ଜରୁରିକାଳୀନ ପରିସ୍ଥିତିର କିପରି ମୁକାବିଲା କରାଯାଇପାରିବ ସେ ନେଇ ଏହି ମକ୍‌ଡ୍ରିଲରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଏକ ସନ୍ଦିଗ୍ଧ ଲୋକ ଷ୍ଟେଶନ ଭିତରକୁ ପଶି ଆସିଥିବାର ଅଭିନୟ କରାଯାଇଥିଲା। ଏହି ମକ୍‌ଡ୍ରିଲରେ ଆରପିଏଫ ଥାନା ଅଧିକାରୀ ପ୍ରବୀଣ କୁମାର, ଜିଆରପି ଥାନା ଅଧିକାରୀ ଉମାକାନ୍ତ ବିଶ୍ୱାଳ, ଷ୍ଟେଶନ ମ୍ୟାନେଜର ସୌରଭ ମୁଖୋପାଧ୍ୟାୟ, ବୋମା ନିଷ୍କ୍ରିୟ ଦଳଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ମିଶନ ଜିରୋ ଏଫ୍ କାର୍ଯ୍ୟକ୍ରମରେ ପିଲାଙ୍କୁ ଟେଷ୍ଟପେପର ବଣ୍ଟନ

**ନରାଜ, ୧୪।୧୨(ଡି.ଏନ୍.ଏ.):** କଟକ ଜିଲାପାଳଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମିଶନ୍ ଜିରୋ ଏଫ କାର୍ଯ୍ୟକ୍ରମରେ ଶନିବାର ସୁବୁଦ୍ଧେଶ୍ୱର ବିଦ୍ୟାପୀଠ ଓ ବାଆଁରାରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଟେଷ୍ଟ ପେପର ବଣ୍ଟନ କରାଯାଇଛି । ଆଞ୍ଚଳିକ ପ୍ରେସକ୍ଲବ ବାରଙ୍ଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାପୀଠରେ ୧୦ ଶ୍ରେଣୀରେ ପଢୁଥିବା ୨୦ଜଣ ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପେପର ଓ ଡଟ୍ ପେନ ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଆଞ୍ଚଳିକ ପ୍ରେସକ୍ଲବର କାର୍ଯ୍ୟକାରୀ ସଭାପତି ଟୁଲୁ ପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଣ୍ଡିତ ପ୍ରହଲ୍ଲାଦ ବେଉରା, ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷକ ଗୁରୁ ଚରଣ ବେହେରା ଓ ସମ୍ମାନିତ ଅତିଥି ଗଣଧର ନାୟକ, ବେଣୁଧର କବି ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ପେସ୍ କ୍ଲବର ଉପଦେଷ୍ଟା ଗୌରାଙ୍ଗ ଚରଣ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବର ସଭ୍ୟ ପ୍ରଶାନ୍ତ କୁମାର ସାହୁ, ସନ୍ତୋଷ ପାଣି, କିଶୋର ଚନ୍ଦ୍ର ସାହୁ, ବିକାଶ ବେହେରା ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଶକ୍ତି ସଂରକ୍ଷଣ ଦିବସ ପାଳନ

**ତିଗିରିଆ, ୧୪।୧୨ (ଡି.ଏନ.ଏ.):** ତିଗିରିଆ ବ୍ଲକ ଅନ୍ତର୍ଗତ ଅର୍ଜୁନ ସୁବୁଦ୍ଧି ହାଇସ୍କୁଲ ନୂଆପାଟଣାରେ ମଣ୍ଡଳସ୍ତରୀୟ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇ ନୂଆପାଟଣା ଗ୍ରାମ ପରିକ୍ରମା କରି ଶକ୍ତି ସଂରକ୍ଷଣ ନିମନ୍ତେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥିଭାବେ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ବାରିକ ଯୋଗଦେଇଥିଲେ। ଗତ ୧ ଡିସେମ୍ବରରେ ହୋଇଥିବା ଶକ୍ତି ସଂରକ୍ଷଣ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସୁବାସ ଚନ୍ଦ୍ର ସାହୁ, ସନାତନ ବେହେରା, ସୁଶାନ୍ତ କୁମାର ସାହୁ, ବିରଞ୍ଚି କୁମାର ପାତ୍ର ଓ ପୁଷ୍ପିତା ମନ୍ତ୍ରୀ ପ୍ରମୁଖ ପରିଚାଳନା କରିଥିଲେ।

# ଗୋସେବା ହେଉଛି ସଂସ୍କୃତିର ପ୍ରତୀକ

**ନିଶ୍ଚିନ୍ତକୋଇଲି, ୧୪।୧୨(ସ୍ୱ.ପ୍ର.)**

ଗୋ ସେବା ଓ ଗୋ ପୂଜା ହେଉଛି ଏକ ସଂସ୍କୃତିର ପ୍ରତୀକ। ଗୋ ମାତାଙ୍କୁ ଭୁଲିବା ଅର୍ଥ ସଂସ୍କୃତିକୁ ଭୁଲିବା । ଯଦି ଆମେ ସଂସ୍କୃତିକୁ ଭୁଲି ଯାଉ ତେବେ ଗୋ ମାତାଙ୍କଠାରୁ ଆମେ ଦୂରେଇ ଯିବା। ନିଜ ପରିବାର ପରିବେଶ,ଶିକ୍ଷାନୁଷ୍ଠାର ପରିବେଶ, ସାମାଜିକ ପରିବେସରେ ଗୋ ମାତାଙ୍କ ସେବା ଉପରେ କୌଣସି ଦିଗ୍ ଦର୍ଶନ ଦିଆଯାଉନାହିଁ। ପ୍ରଗତିର ନାଆଁରେ ଆଧୁନିକତାର ଛାପ ଦେଇ ଭାରତୀୟ ସଂସ୍କୃତି ଓ ବୈଦିକ ସଂସ୍କୃତିର ଅବକ୍ଷୟ ଘଟିଛି। ଗାଁ ଠାରୁ ବିଶ୍ୱ ପର୍ଯ୍ୟନ୍ତ ଏବେ ଆଧାତ୍ମିକ ଚେତନାର ଅଭାବ ରହିଛି । ଫଳରେ ଦେଶ ରାଜ୍ୟ ତଥା ବିଶ୍ୱରେ ଶାନ୍ତିର ଅଭାବ ରହିଛି ବୋଲି ଅଶୁରେଶ୍ୱର ଗୋରକ୍ଷଣିର ପ୍ଲାଟିନମ୍ ଜୁବିଲି ଉତ୍ସବକୁ ଉଦ୍‌ଘାଟନ କରି ଗଜପତି ମହାରାଜ ଦିବ୍ୟସିଂହ ଦେବ ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତାଭାବେ ପୂରୀ କ୍ରିୟାଯୋଗ ଆଶ୍ରମର ପରମହଂସ ପ୍ରଜ୍ଞାନନ୍ଦ ଗିରି ଯୋଗ ଦେଇ କହିଥିଲେ, ଗୋମାତା ହେଉଛନ୍ତି ଏଭଳି ଏକ ମା'



କାର୍ଯ୍ୟକ୍ରମରେ ପୁରୀ ମହାରାଜା ଦିବ୍ୟସିଂହ ଦେବ, ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅତିଥିମାନେ।

ଯେ କି ନିଜ ପିଲାପାଇଁ କ୍ଷୀର ଦେବା ସହ ସମାଜକୁ ଅମୃତ ଦାନ କରିଥାନ୍ତି। ଗୋମାତାର ସମସ୍ତ ଦ୍ରବ୍ୟ ଜନ ହିତରେ ଲାଗିଥାଏ। ସମ୍ପ୍ରତି ଦେଶୀ ଗାଈର କ୍ଷୀର ପାଶ୍ଚାତ୍ୟ ଦେଶରେ ଚାହିଦା ଥିବା ବେଳେ ଉତ୍କଳ ପ୍ରଦେଶରେ ଗୋ ଚାଷ ପ୍ରତି ସାଧାରଣ ଲୋକେ ବିମୁଖ ହେଉଛନ୍ତି। ଉତ୍କଳ ଭୂମିରେ ଏବେ ସେବାର ଅଭାବ ଦେଖିବାକୁ ମିଳିଛି ବୋଲି ସେ କହିଥିଲେ।

ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଆଇନ, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଗୋମାତା ସେବା ଉପରେ ସଂକ୍ଷିପ୍ତ ଟିପ୍ପଣୀ ରଖିଥିଲେ। କାର୍ଯ୍ୟକ୍ରମକୁ ସମିତି ସଭାପତି ଅତନୁ ସବ୍ୟସାଚୀ ନାୟକ ପରିଚାଳନା କରିଥିଲେ। ପୂର୍ବାହ୍ନରେ ଗୋରକ୍ଷଣୀ ପରିସରରେ ମୁଷ୍ଟିଦାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀର ମୁଖ୍ୟ ଅତିଥିଭାବେ କିସ୍ ବିଶ୍ୱ ବିଦ୍ୟାଳୟର କୁଳପତି ହରେକୃଷ୍ଣ ଶତପଥୀ ଯୋଗଦେଇ ଗୋ ସୁରକ୍ଷା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ଗାନ୍ଧୀ ବିଚାର ମଞ୍ଚର ସଭାପତି ପ୍ରହଲ୍ଲାଦ ସିଂ, ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ସବିତା ଓଝା ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ମଧୁବନ କପ ଟୁର୍ନାମେଣ୍ଟ: ଫକିରପଡ଼ା ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ନରାଜ, ୧୪।୧୨(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱବିଜୟୀ ୟୁଥକ୍ଲବ ଆନୁକୂଲ୍ୟରେ ମଧୁବନ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୨୪ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ଫକିରପଡା ବିଜୟୀ ହୋଇଛି। ଏହି ମ୍ୟାଚ ଫକିରପଡା ଓ ବିଦ୍ୟାଧରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫକିରପଡା ପଥମେ ବ୍ୟାଟିଂ କରି ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ବିଦ୍ୟାଧରପୁର ୯୨ ରନକରି ସମସ୍ତ ଉଇକେଟ ହରାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଓ ମଧୁପୁର ସରପଞ୍ଚ ସୁମିନା ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଖେଳକୁ କ୍ଲବର ବୁଟୁ ମାଝୀ, ସିଲୁ ମାଝୀ, ସୁନୀଲ ସ୍ୱାଇଁ, କୁନୁ ପ୍ରଧାନ ଓ ଜୟୀରାମ ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ।

## ୫ ଚୋରି ବାଇକ୍ ଜବତ, ଯୁବକ ଅଟକ

**ଟାଙ୍ଗୀ(କଟକ), ୧୪।୧୨(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ପୋଲିସ ଶନିବାର ୫ ଚୋରି ବାଇକ୍ ଜବତ କରିବା ସହ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଭଗତପୁର ଗ୍ରାମର ଆବୁକାଲାମ ସାହାଙ୍କ ବାଇକ୍ ଚୋରି ନେଇ କିଛିଦିନ ପୂର୍ବେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରିବା ପରେ ଖାଡେଶ୍ୱର କଡ଼େଇ ଗ୍ରାମର ସୋମନାଥ ତରାଇଙ୍କୁ ଅଟକ ରଖିଥିଲା। ସୋମନାଥଙ୍କ ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୋଟିଏ ଆକ୍ଟିଭା ସହ ୫ଟି ବାଇକ ଜବତ କରିଥିଲା। ଜବତ ବାଇକ ଓ ସ୍କୁଟି ମଧ୍ୟରୁ ଖଣ୍ଡଗିରି ଥାନା ଯଦୁପୁର ଅଞ୍ଚଳର ତଯୁବ ଅଲ୍ଲୀ ପ୍ରମାଣପତ୍ର ଦେଖାଇ ନିଜ ବାଇକ ନେଇଥିବାବେଳେ ଯାଜପୁର ଜିଲା ଧର୍ମଶାଳା ଥାନା ବନ୍ଧାଲୋ ଗ୍ରାମର ଆଶିଷ ମହାପାତ୍ର, କଟକ କନିକାଛକ ଅଞ୍ଚଳର ଦୀପକ ମିଶ୍ର, ନପଙ୍ଗ ପଞ୍ଚାୟତ ବିରୋଳ ଗ୍ରାମର ଆଲୋକ ମଲ୍ଲିକ ଓ ଅଭିଯୋଗକାରୀ ଆବୁକାଲାମଙ୍କ ଗାଡ଼ି ଥାନାରେ ଥିବାବେଳେ ରବିବାର ସୋମନାଥକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି।

### ନଦୀରେ ଭାସୁଛି ମୃତଦେହ

**କଟକ ସଦର,୧୪।୧୨(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ଶ୍ରୀକୋରୁଆଁ ନିକଟ ସିଜୁଆ ନଦୀରେ ଶନିବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନଦୀରେ ପାଣି କମଥିବାରୁ ଯୁବକଙ୍କ ମୃତଦେହ କେଉଁଠୁ ଆସିଲା ତାହା ତଦନ୍ତ ସାପେକ୍ଷ।

## ମିଳୁନି ବିଧବା ଭତ୍ତା
## ଦୁଃଖରେ ଦିନ କାଟୁଛନ୍ତି ପୁଷ୍ପଲତା

**ଆଠଗଡ, ୧୪।୧୨(ସ୍ୱ.ପ୍ର.)**


ପୁଷ୍ପଲତା ବାରିକ

ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡା ପଞ୍ଚାୟତର ଗୋଡିଝରିଆ ଗ୍ରାମର ପୁଷ୍ପଲତା ବାରିକ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସେ ବର୍ଷେ ହେବ ଏଥି ପାଇଁ ପ୍ରଶାସନ ପାଖକୁ ଦୌଡୁଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କୁ ଭତ୍ତା ମିଳିପାରିନାହିଁ । ଫଳରେ ଏହି ନିରାଶ୍ରୟ ମହିଳା ଜଣକ ବହୁ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ପ୍ରାୟ ବର୍ଷେ ପୂର୍ବେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ସ୍ୱାମୀ ସୁରେନ୍ଦ୍ର ବାରିକଙ୍କ ମୃତ୍ୟୁ ଘଟିଥିଲା । ଏହାପରଠାରୁ ପୁଷ୍ପଲତାଙ୍କ ଦୁଃଖ କହିଲେ ନ ସରେ। ପରିବାର ପୋଷଣ ତାଙ୍କ ପାଇଁ କଷ୍ଟସାଧ ହୋଇପଡିଛି । ଅନ୍ନପୂର୍ଣ୍ଣା ଯୋଜନାରେ ମିଳୁଥିବା ୩୫କିଲୋ ଚାଉଳରେ ପିଲାମାନଙ୍କ ପେଟକୁ ଦାନା ଗଣ୍ଡିଏ କଷ୍ଟରେ ଦେଉଥିବା ବେଳେ ଅନ୍ୟ କିଛି ଖର୍ଚ୍ଚ ପାଇଁ ପାଖରେ ଟଙ୍କା ନାହିଁ ବୋଲି ସେ କହିଛନ୍ତି । ଏନେଇ ପୁଷ୍ପଲତା ବିଧବା ଭତ୍ତା ନିମନ୍ତେ ତିଗିରିଆ ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭକରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡିଛନ୍ତି। ଗତମାସରେ ତିଗିରିଆରେ ଆୟୋଜିତ ହୋଇଥିବା ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ସେ ବିଧବା ଭତ୍ତାପାଇଁ ଆଠଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଉପଜିଲାପାଳ କିମ୍ବା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟରେ ନ ଥିବାରୁ ନିରାଶ ହୋଇ ଫେରିଯାଇଥିଲେ। ଏ ସମ୍ପର୍କରେ ଉପଜିଲାପାଳ ଅମିୟ କୁମାର ସାହୁ ଓ ସାମାଜିକ ସୁରକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ଏହା ନମ୍ବର ନ ଲାଗିବାରୁ ଏହା ସମ୍ଭବ ହୋଇ ପାରି ନଥିଲା। ତୁରନ୍ତ ତିଗିରିଆ ବ୍ଲକ ପ୍ରଶାସନ ପକ୍ଷରୁ ପୁଷ୍ପଲତାଙ୍କୁ ବିଧବା ଭତ୍ତା ପ୍ରଦାନ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବା ପାଇଁ ଗୋଡିଝରିଆ ଗ୍ରାମବାସୀ ଦାବି କରିଛନ୍ତି ।

## ଆଠଗଡ଼ ତହସିଲରେ ସୃଷ୍ଟି ହେଲା ୨ ନୂତନ ରାଜସ୍ୱ ଗ୍ରାମ

**ଆଠଗଡ,୧୪।୧୨(ସ୍ୱ.ପ୍ର.)**

ଆଠଗଡ ତହସିଲ ପକ୍ଷରୁ ସରକାରଙ୍କ ଅନୁମୋଦନକ୍ରମେ ଏକ ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଏହି ତହସିଲ ଅନ୍ତର୍ଗତ କଟକିଆସାହି ପଞ୍ଚାୟତ ଅଧୀନରେ ୨ଟି ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି କରାଯାଇ ୨ ଗ୍ରାମର ଅଧିବାସୀଙ୍କୁ ଶୁକ୍ରବାର ପଟ୍ଟା ବଣ୍ଟନ କରାଯାଇଛି। ୨୦୦୫-୦୬ରେ ବଳରାମପୁର ଗ୍ରାମବାସୀ ଉକ୍ତଗ୍ରାମର ଜନସଂଖ୍ୟା ଓ ଭୌଗୋଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ୨ଟି ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି ଲାଗି ରାଜସ୍ୱ ବିଭାଗରେ ଆବେଦନ କରିଥିଲେ । ସରକାର ଏହାକୁ ବିଚାରକୁ ନେଇ ବଳରାମପୁର ଗ୍ରାମକୁ ୩ ଭାଗରେ ବିଭକ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାକୁ ବିଭକ୍ତ କରିବା ପରେ ୨ଟି ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି କରିବା ଲାଗି ୨୦୧୨-୧୩ରେ ଅନୁମୋଦନ କରି ଗ୍ୟାଜେଟରେ ପ୍ରକାଶ କରିଥିଲେ। ଏହାକୁ ବାସ୍ତବ ରୂପ ଦେବା ପାଇଁ ଆଠଗଡ ତହସିଲ ପକ୍ଷରୁ ୫ବର୍ଷ ହେବ ପ୍ରୟାସ ଜାରି ରହିଥିଲା । ଶେଷରେ ଏହାର ସଫଳ ରୂପାୟନ ହୋଇ ବଳରାମପୁର ଗ୍ରାମରେ ସାମିଲ ଥିବା ବଉଳପଦା ଓ ବାଉଁଶଦଣ୍ଡାକୁ ୨ଟି ନୂତନ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇଛି । ଆଠଗଡ ତହସିଲଦରା ତପନ କୁମାର ଖୁଣ୍ଟିଆ ଏହି ୨ଟି ନୂତନ ରାଜସ୍ୱ ଗ୍ରାମର ୬୩୦ ପରିବାର ମଧ୍ୟରୁ ୫୮୦ଜଣଙ୍କୁ ନୂତନ ପଟ୍ଟା ବଣ୍ଟନ କରିଥିଲେ। ପୂର୍ବରୁ ଆଠଗଡ ତହସିଲ ଅଧୀନରେ ୨୦୯ ରାଜସ୍ୱ ଗ୍ରାମ ଥିବା ବେଳେ ଏବେ ଏହା ୨୧୧ ହୋଇଛି ବୋଲି ତହସିଲଦାର ଖୁଣ୍ଟିଆ କହିଛନ୍ତି।


ତହସିଲଦାର ଗ୍ରାମବାସୀଙ୍କୁ ପଟ୍ଟା ପ୍ରଦାନ କରୁଛନ୍ତି।

## ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ମାମଲାର ଫଇସଲା

**ଆଠଗଡ଼/ବଡ଼ମ୍ବା/ତିଗିରିଆ/ବାଙ୍କୀ, ୧୪।୧୨(ସ୍ୱ.ପ୍ର.)**

ଆଠଗଡ଼, ବଡ଼ମ୍ବା, ତିଗିରିଆ, ବାଙ୍କୀ ଅଦାଲତ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଆଠଗଡ଼ ତାଲୁକ ଆଇନସେବା କମିଟି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟି ଅଧକ୍ଷ ଅରବିନ୍ଦ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ଅଦାଲତରେ ୭ ମୋଟର ଯାନ ଦୁର୍ଘଟଣା ମାମଲାର ବିଚାର କରାଯାଇ ୨୧ଲକ୍ଷ ୮୦ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଥିଲା। ଉପଜିଲାପାଳ ଅମିୟ କୁମାର ସାହୁ ୩ ରାଜସ୍ୱ ମାମଲାର ଫଇସଲା କରି ୧୦ହଜାର ୧୫ଟଙ୍କା ରାଜସ୍ୱ ଆଦାୟ କରିଥିଲେ । ସେହିପରି ବାଙ୍କୀ କୋର୍ଟ ପରିସରରେ ସିନିୟର ଡିଭିଜନ ସିଭିଲ ଜଜ୍ ଦୀପଙ୍କର ପଟ୍ଟନାୟକ ଓ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଡ.ମମତା ମହାନ୍ତି ଉପସ୍ଥିତ ରହି ମକଦ୍ଦମାଗୁଡିକର ବିଚାର କରିଥିଲେ। ଏହି ଅବସରରେ ୧୦୫ ଫୌଜଦାରି ମକଦ୍ଦମା ବିଚାର କରାଯାଇ ୩୦ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବ୍ୟାଙ୍କ ଋଣ ବାବଦକୁ ବିଚାର କରାଯାଇ ୩ଲକ୍ଷ ୫୪ହଜାର ୬ଶହ ଟଙ୍କା ଆଦାୟ କରାଯାଇଥିଲା। ବଡମ୍ବା ଦେୱାନୀ ଓ ଫୌଜଦାରି ଅଦାଲତ ପରିସରରେ ଆୟୋଜିତ ଲୋକ ଅଦାଲତରେ ଜେଏମ୍‌ଏଫ୍‌ସି ରେଖାରାଣୀ ପଣ୍ଡା ଯୋଗଦେଇ ବିଭିନ୍ନ ଫୌଜଦାରି ଓ ଦେୱାନୀ ମକଦ୍ଦମା ବିଚାର କରିଥିଲେ। ୭୫ ମୋଟରଯାନ ସମ୍ବନ୍ଧୀୟ ମକଦ୍ଦମା ମଧ୍ୟରୁ ୨୭ ମାମଲାର ଫଇସଲା କରାଯାଇ ଜରିମାନା ବାବଦରେ ୫୯୯୦ଟଙ୍କା ଆଦାୟ କରାଯାଇଥିଲା। ଅନ୍ୟପକ୍ଷରେ ୭ଟି ବ୍ୟାଙ୍କ ସମ୍ବନ୍ଧୀୟ ମକଦ୍ଦମା ବିଚାର କରାଯାଇ ଋଣ ବାବଦରେ ୧ଲକ୍ଷ ୪୪ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ତିଗିରିଆ ଜେଏମ୍‌ଏଫ୍‌ସି କୋର୍ଟ ପରିସରରେ ଆୟୋଜିତ ଲୋକ ଅଦାଲତ କାର୍ଯ୍ୟକ୍ରମରେ ତିଗିରିଆ ତାଲୁକ ଆଇନ ସେବା ଅଧକ୍ଷା ସୁମିତ୍ରା କୁମାରୀ ଦାଶ ଅଧକ୍ଷତାରେ କରିଥିଲେ। ଏହି ଅବସରରେ ୩୫ ଫୌଜଦାରି ଓ ମୋଟରଯାନ ମାମଲାର ବିଚାର କରାଯାଇ ୩୫୦୦ ଟଙ୍କା ଆଦାୟ ହୋଇଥିବା ବେଳେ ତିଗିରିଆ ତହସିଲର ୩୦୫ ରାଜସ୍ୱ ମାମଲାର ବିଚାର କରାଯାଇ ୧୬୫୮୬ଟଙ୍କା ୮୦ ପଇସା ଆଦାୟ କରାଯାଇଥିଲା ।

## ପଣ୍ଡିତ ନୀଳମଣି ରାଜ୍ୟରେ ବାଙ୍କୀର ଟେକ ରଖିଛନ୍ତି

**ବାଙ୍କୀ, ୧୪।୧୨(ସ୍ୱ.ପ୍ର.)**

କଟକ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବାଙ୍କୀ ପ୍ରେସ କ୍ଲବ ବିଦ୍ୟାରତ୍ନ ଭବନରେ ବାଙ୍କୀର ବରପୁତ୍ର ସ୍ୱର୍ଗତ ନୀଳମଣି ବିଦ୍ୟାରତ୍ନଙ୍କର ୧୫୩ତମ ଜୟନ୍ତୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କହିଥିଲେ, ବିଦ୍ୟାରତ୍ନ ବାଙ୍କୀରେ ଜନ୍ମ ଗ୍ରହଣ କରି ସାରା ଓଡ଼ିଶାରେ ବାଙ୍କୀର ଟେକ ରଖିଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ଭାଷା ଭିତ୍ତିକ ପ୍ରଦେଶ ଗଠନ କରିବାରେ ନୀଳମଣିଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ସଦାନନ୍ଦ ବାରିକ ସମ୍ମାନିତ ଅତିଥି ଓ ବାଙ୍କୀ ତହସିଲଦାର ମୁଖ୍ୟ ବକ୍ତାଭାବରେ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ପ୍ରେସକ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର ଉପସ୍ଥିତଥିଲେ। ଏହି ଅବସରରେ ବାଙ୍କୀ ପ୍ରେସକ୍ଲବ ପକ୍ଷରୁ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ବିଦ୍ୟାରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବାଙ୍କୀ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ସୁବାସ ଚନ୍ଦ୍ର ପାଢୀ, ପଣ୍ଡିତ ବିଦ୍ୟାଧର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।


ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କଟକ ଡବଲ ମର୍ଡରକୁ ବିତିଲା ୪୮ ଘଣ୍ଟା
# ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

**କଟକ ଅଫିସ, ୧୪।୧୨**

କଟକ ବେଲେଶ୍ୱର ନ୍ୟୁ କଲୋନୀ ବୃଦ୍ଧ ଦମ୍ପତିଙ୍କ ହତ୍ୟା ଘଟଣାକୁ ୪୮ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ହତ୍ୟାକାଣ୍ଡ ଘଟିଥିବା ଘରକୁ ପୋଲିସ ସିଲ୍ କରିଥିବା ବେଳେ ସେଠାରେ ୨୪ଘଣ୍ଟିଆ ପୋଲିସ ପହରା ବ୍ୟବସ୍ଥା ହୋଇଛି। ଏହି ଘଟଣାରେ ଶନିବାର ପୋଲିସ ମୃତ ଦମ୍ପତିଙ୍କ ଘରେ କାମ କରୁଥିବା ଚାକରାଣୀଙ୍କୁ ଜେରା କରିଥିଲା। ଦୀର୍ଘ ସମୟର ଜେରା ପରେ ହତ୍ୟାକାଣ୍ଡ ସହିତ ଚାକରାଣୀଙ୍କ କୌଣସି ସମ୍ପର୍କ ନ ଥିବା ପୋଲିସ ସୂଚନା ଦେଇଛି। ଏଥିସହିତ ଦମ୍ପତିଙ୍କ ଘରେ ଭଡାରେ ରହୁଥିବା ଲୋକଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଛି। ସେଥିମଧ୍ୟରୁ ୨ଟି ଟିମ୍ ବ୍ରହ୍ମପୁର ଓ ଜଗତ୍‌ସିଂହପୁର ଯାଇଥିବା ବେଳେ ଅନ୍ୟ ୨ଟିମ କଟକରେ ତଦନ୍ତ କରୁଛନ୍ତି। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚାରିବା ସହ ବୃଦ୍ଧ ଦମ୍ପତିଙ୍କ ପରିଚିତ ଲୋକଙ୍କୁ ମିଶାଇ ଅଦ୍ୟାବଧି ମୋଟ ୧୬ଜଣଙ୍କୁ ଜେରା କରିଛି। ଡିସିପି ଅଖିଳେଶ୍ୱର ସିଂଙ୍କ କହିବା ଅନୁଯାୟୀ, ପୋଲିସ ତଦନ୍ତ ଜାରି ରହିଛି। ଖୁବଶୀଘ୍ର ହତ୍ୟାକାରୀ ଧରାପଡ଼ିବେ। ଅନ୍ୟପକ୍ଷରେ ଜଣେ ପୋଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏହି ହତ୍ୟାକାଣ୍ଡରେ ୩ଜଣ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟତଃ ଫରେନ୍‌ସିକ ପରୀକ୍ଷାରୁ ପୋଲିସ ହାତରେ ବଡ଼ ସୁରାକ ଲାଗିଥିବା ସମ୍ପୃକ୍ତ ଅଧିକାରୀ କହିଛନ୍ତି।

ସୂଚନାଥାଉ କି, ଗୁରୁବାର ରାତିରେ ମଧୁପାଟଣା ଥାନା ଅନ୍ତର୍ଗତ ବେଲେଶ୍ୱର ନ୍ୟୁ କଲୋନୀରେ ରହୁଥିବା ଶ୍ରୀନାଥ ସାମଲ(୭୦) ଓ ବିଦ୍ୟୁଲତା ସାମଲ(୬୫)ଙ୍କୁ କେହି ନିର୍ମମ ଭାବେ ହତ୍ୟା କରିଥିଲେ। ରାତି ପ୍ରାୟ ୯ଟାରେ ଦମ୍ପତିଙ୍କ ଝିଅ ସେମାନଙ୍କୁ ଫୋନ କରିଥିଲେ। ବାରମ୍ବାର ରିଂ କରିବା ପରେ କେହି ଫୋନ ନ ଉଠାଇବାରୁ ସେ ଜଣେ ପଡୋଶୀଙ୍କ ସହ ଯୋଗାଯୋଗ କରିଥିଲେ। ପଡୋଶୀ ଜଣକ ତାଙ୍କ ଘରକୁ ଯାଇ ଦେଖିବା ବେଳକୁ ଘରର କବାଟ ଖୋଲା ରହିଥିଲା। ପଡୋଶୀ ଜଣକ କଲିଂ ବେଲ ବଜାଇଥିଲେ ମଧ୍ୟ କେହି ବାହାରକୁ ଆସି ନ ଥିଲେ। ତେବେ ପଡୋଶୀ ଜଣକ ଘର ଭିତରକୁ ଯାଇ ଦେଖିବାରୁ ବୃଦ୍ଧ ଦମ୍ପତିଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିଲା। ଏ ନେଇ ପଡ଼ୋଶୀ ଜଣକ ପ୍ରଥମେ ତାଙ୍କ ଝିଅଙ୍କୁ ଜଣାଇବା ସହ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଖବରପାଇ ମଧୁପାଟଣା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ହତ୍ୟାକାଣ୍ଡର ପାରିପାର୍ଶ୍ୱିକ ସ୍ଥିତି ଦେଖି ଏହା କୌଣସି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହୋଇଥିବା ପୋଲିସ ସନ୍ଦେହ କରିଥିଲା। ତେଣୁ ପୋଲିସର ପ୍ରଥମ ସନ୍ଦେହ ମୃତ ଦମ୍ପତିଙ୍କ ପରିଚିତ ଲୋକଙ୍କ ଉପରେ ଆସିଥିଲା।



ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ୫ ଚୋରି ବାଇକ୍ ଜବତ, ଯୁବକ ଅଟକ



**ଟାଙ୍ଗୀ(କଟକ),୧୪।୧୨(ଡି.ଏନ୍.ଏ.):** ଟାଙ୍ଗୀ ଥାନା ପୋଲିସ ଶନିବାର ୫ ଚୋରି ବାଇକ୍ ଜବତ କରିବା ସହ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଭଗତପୁର ଗ୍ରାମର ଆବୁକାଲାମ ସାହାଙ୍କ ବାଇକ୍ ଚୋରି ନେଇ କିଛିଦିନ ପୂର୍ବେ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରିବା ପରେ ଝାଡେଶ୍ୱର କଡ଼େଇ ଗ୍ରାମର ସୋମନାଥ ତରାଇଙ୍କୁ ଅଟକ ରଖିଥିଲା। ସୋମନାଥଙ୍କ ସୂଚନା ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗୋଟିଏ ଆକ୍ଟିଭା ସହ ୫ଟି ବାଇକ ଜବତ କରିଥିଲା। ଜବତ ବାଇକ ଓ ସ୍କୁଟି ମଧ୍ୟରୁ ଖଣ୍ଡଗିରି ଥାନା ଯଦୁପୁର ଅଞ୍ଚଳର ତଯୁବ ଅଲ୍ଲୀ ପ୍ରମାଣପତ୍ର ଦେଖାଇ ନିଜ ବାଇକ ନେଇଥିବାବେଳେ ଯାଜପୁର ଜିଲା ଧର୍ମଶାଳା ଥାନା ବନ୍ଧାଲୋ ଗ୍ରାମର ଆଶିଷ ମହାପାତ୍ର, କଟକ କନିକାଛକ ଅଞ୍ଚଳର ଦୀପକ ମିଶ୍ର, ନପଙ୍ଗ ପଞ୍ଚାୟତ ବିରୋଳ ଗ୍ରାମର ଆଲୋକ ମଲ୍ଲିକ ଓ ଅଭିଯୋଗକାରୀ ଆବୁକାଲାମଙ୍କ ଗାଡ଼ି ଥାନାରେ ଥିବାବେଳେ ରବିବାର ସୋମନାଥଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି।

### ଓଷ୍ଟା ପକ୍ଷରୁ ବ୍ଲକସ୍ତରୀୟ ଶିଶୁମେଳା

**କଟକ ସଦର,୧୪।୧୨(ଡି.ଏନ୍.ଏ.):** ବିରିବାଟୀସ୍ଥିତ ରତ୍ନାକର ବିଦ୍ୟାମନ୍ଦିରରେ ଶନିବାର ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ କଟକ ସଦର ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୨ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଚୌଧୁରୀ ଜ୍ଞାନରଞ୍ଜନ ପ୍ରହରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଓଷ୍ଟାର ଉପସଭାନେତ୍ରୀ ଉର୍ମିଳା ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଓଷ୍ଟା ସମ୍ପାଦକ ଅଶୋକ କୁମାର ମହାପାତ୍ର, ବିଦ୍ୟାଳୟ କମିଟିର ସଭାପତି ସୁଶାନ୍ତ କୁମାର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକସ୍ତରରେ ୨୦୧୯ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରାଚୀସ୍ମିତା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ କଳ୍ପଲତା ସେନାପତି ଧନ୍ୟବାଦ ଦେଇଥିଲେ।

### ମିଶନ ଜିରୋ ଏଫ୍ କାର୍ଯ୍ୟକ୍ରମରେ ପିଲାଙ୍କୁ ଟେଷ୍ଟପେପର ବଣ୍ଟନ

**ନରାଜ, ୧୪।୧୨(ଡି.ଏନ୍.ଏ.):** କଟକ ଜିଲାପାଳଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମିଶନ୍ ଜିରୋ ଏଫ କାର୍ଯ୍ୟକ୍ରମରେ ଶନିବାର ସୁବୁଦ୍ଧେଶ୍ୱର ବିଦ୍ୟାପୀଠ ଓ ବାଆଁରାରେ ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣାରେ ଟେଷ୍ଟ ପେପର ବଣ୍ଟନ କରାଯାଇଛି । ଆଞ୍ଚଳିକ ପ୍ରେସକ୍ଲବ ବାରଙ୍ଗ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାପୀଠର ୧୦ ଶ୍ରେଣୀରେ ପଢୁଥିବା ୨୦ଜଣ ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପେପର ଓ ଡଟ୍ ପେନ ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଆଞ୍ଚଳିକ ପ୍ରେସକ୍ଲବର କାର୍ଯ୍ୟକାରୀ ସଭାପତି ଟୁଲୁ ପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଣ୍ଡିତ ପ୍ରହଲ୍ଲାଦ ବେଉରା, ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷକ ଗୁରୁ ଚରଣ ବେହେରା ଓ ସମ୍ମାନିତ ଅତିଥି ଗଣଧର ନାୟକ, ବେଣୁଧର କବି ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ପେସ୍ କ୍ଲବର ଉପଦେଷ୍ଟା ଗୌରାଙ୍ଗ ଚରଣ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ କ୍ଲବର ସଭ୍ୟ ପ୍ରଶାନ୍ତ କୁମାର ସାହୁ, ସନ୍ତୋଷ ପାଣି, କିଶୋର ଚନ୍ଦ୍ର ସାହୁ, ବିକାଶ ବେହେରା ଓ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## କଟକ ଡବଲ ମର୍ଡରକୁ ବିତିଲା ୪୮ ଘଣ୍ଟା

# ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

**କଟକ ଅଫିସ, ୧୪।୧୨**

କଟକ ବେଲେଶ୍ୱର ନ୍ୟୁ କଲୋନୀ ବୃଦ୍ଧ ଦମ୍ପତିଙ୍କ ହତ୍ୟା ଘଟଣାକୁ ୪୮ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ହତ୍ୟାକାଣ୍ଡ ଘଟିଥିବା ଘରକୁ ପୋଲିସ ସିଲ୍ କରିଥିବା ବେଳେ ସେଠାରେ ୨୪ଘଣ୍ଟିଆ ପୋଲିସ ପହରା ବ୍ୟବସ୍ଥା ହୋଇଛି। ଏହି ଘଟଣାରେ ଶନିବାର ପୋଲିସ ମୃତ ଦମ୍ପତିଙ୍କ ଘରେ କାମ କରୁଥିବା ଚାକରାଣୀଙ୍କୁ ଜେରା କରିଥିଲା। ଦୀର୍ଘ ସମୟର ଜେରା ପରେ ହତ୍ୟାକାଣ୍ଡ ସହିତ ଚାକରାଣୀଙ୍କ କୌଣସି ସମ୍ପର୍କ ନ ଥିବା ପୋଲିସ ସୂଚନା ଦେଇଛି। ଏଥିସହିତ ଦମ୍ପତିଙ୍କ ଘରେ ଭଡାରେ ରହୁଥିବା ଲୋକଙ୍କୁ ମଧ୍ୟ ପୋଲିସ ପଚରାଉଚରା କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଛି। ସେଥିମଧ୍ୟରୁ ୨ଟି ଟିମ୍ ବ୍ରହ୍ମପୁର ଓ ଜଗତ୍‌ସିଂହପୁର ଯାଇଥିବା ବେଳେ ଅନ୍ୟ ୨ଟିମ କଟକରେ ତଦନ୍ତ କରୁଛନ୍ତି। ପୋଲିସ ସ୍ଥାନୀୟ ଲୋକଙ୍କୁ ପଚାରିବା ସହ ବୃଦ୍ଧ ଦମ୍ପତିଙ୍କ ପରିଚିତ ଲୋକଙ୍କୁ ମିଶାଇ ଅଦ୍ୟାବଧି ମୋଟ ୧୬ଜଣଙ୍କୁ ଜେରା କରିଛି। ଡିସିପି ଅଖିଳେଶ୍ୱର ସିଂଙ୍କ କହିବା ଅନୁଯାୟୀ, ପୋଲିସ ତଦନ୍ତ ଜାରି ରହିଛି। ଖୁବଶୀଘ୍ର ହତ୍ୟାକାରୀ ଧରାପଡ଼ିବେ। ଅନ୍ୟପକ୍ଷରେ ଜଣେ ପୋଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏହି ହତ୍ୟାକାଣ୍ଡରେ ୩ଜଣ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ମହିଳା ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟତଃ ଫରେନ୍‌ସିକ ପରୀକ୍ଷାରୁ ପୋଲିସ ହାତରେ ବଡ଼ ସୁରାକ ଲାଗିଥିବା ସମ୍ପୃକ୍ତ ଅଧିକାରୀ କହିଛନ୍ତି।

ସୂଚନାଥାଉ କି, ଗୁରୁବାର ରାତିରେ ମଧୁପାଟଣା ଥାନା ଅନ୍ତର୍ଗତ ବେଲେଶ୍ୱର ନ୍ୟୁ କଲୋନୀରେ ରହୁଥିବା ଶ୍ରୀନାଥ ସାମଲ(୭୦) ଓ ବିଦ୍ୟୁଲତା ସାମଲ(୬୫)ଙ୍କୁ କେହି ନିର୍ମମ ଭାବେ ହତ୍ୟା କରିଥିଲେ। ରାତି ପ୍ରାୟ ୯ଟାରେ ଦମ୍ପତିଙ୍କ ଝିଅ ସେମାନଙ୍କୁ ଫୋନ କରିଥିଲେ। ବାରମ୍ବାର ରିଂ କରିବା ପରେ କେହି ଫୋନ ନ ଉଠାଇବାରୁ ସେ ଜଣେ ପଡୋଶୀଙ୍କ ସହ ଯୋଗାଯୋଗ କରିଥିଲେ। ପଡୋଶୀ ଜଣକ ତାଙ୍କ ଘରକୁ ଯାଇ ଦେଖିବା ବେଳକୁ ଘରର କବାଟ ଖୋଲା ରହିଥିଲା। ପଡୋଶୀ ଜଣକ କଲିଂ ବେଲ ବଜାଇଥିଲେ ମଧ୍ୟ କେହି ବାହାରକୁ ଆସି ନ ଥିଲେ। ତେବେ ପଡୋଶୀ ଜଣକ ଘର ଭିତରକୁ ଯାଇ ଦେଖିବାରୁ ବୃଦ୍ଧ ଦମ୍ପତିଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିଲା। ଏ ନେଇ ପଡ଼ୋଶୀ ଜଣକ ପ୍ରଥମେ ତାଙ୍କ ଝିଅଙ୍କୁ ଜଣାଇବା ସହ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଖବରପାଇ ମଧୁପାଟଣା ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ହତ୍ୟାକାଣ୍ଡର ପାରିପାର୍ଶ୍ୱିକ ସ୍ଥିତି ଦେଖି ଏହା କୌଣସି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହୋଇଥିବା ପୋଲିସ ସନ୍ଦେହ କରିଥିଲା। ତେଣୁ ପୋଲିସର ପ୍ରଥମ ସନ୍ଦେହ ମୃତ ଦମ୍ପତିଙ୍କ ପରିଚିତ ଲୋକଙ୍କ ଉପରେ ଆସିଥିଲା।



କଟକ ବିଡାନାଶୀ ଛକସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଅନୁଷ୍ଠିତ ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ।

## ରେଳ ଷ୍ଟେଶନରେ ବୋମା ନିଷ୍କ୍ରିୟ ମକ୍‌ଡ୍ରିଲ

**କଟକ ଅଫିସ,୧୪।୧୨**

ବିସ୍ଫୋରକ ଦ୍ରବ୍ୟ ଠାବ କରିବା ସହ କିପରି ଏହାକୁ ନିଷ୍କ୍ରିୟ କରାଯାଇପାରିବ ସେ ନେଇ ଆରପିଏଫ ଓ ଜିଆରପି ପକ୍ଷରୁ ଶନିବାର କଟକ ରେଳଷ୍ଟେଶନ ପରିସରରେ ଏକ ମକ୍‌ଡ୍ରିଲ ହୋଇଥିଲା। ଆତଙ୍କବାଦୀ ହମଲା ଓ ଜରୁରିକାଳୀନ ପରିସ୍ଥିତିରେ କିପରି ମୁକାବିଲା କରାଯାଇପାରିବ ସେ ନେଇ ଏହି ମକ୍‌ଡ୍ରିଲରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଏକ ସନ୍ଦିଗ୍ଧ ଲୋକ ଷ୍ଟେଶନ ଭିତରକୁ ପଶି ଆସିଥିବାର ଅଭିନୟ କରାଯାଇଥିଲା। ଷ୍ଟେଶନରେ ଜଣେ ସନ୍ଦିଗ୍ଧ ଲୋକ ବୁଲୁଥିବା ନେଇ ଆରପିଏଫ କର୍ମଚାରୀଙ୍କୁ ସୂଚନା ଦିଆଯାଇଥିଲା। ଏହା ସହ ସନ୍ଦେହଜନକ ଏକ ବ୍ୟାଗ ଆରଆରଆଇ କୋଠାରେ ରଖାଯାଇଥିଲା। ଆରପିଏଫ କର୍ମଚାରୀ ଆରଆରଆଇ କୋଠାରେ ପହଞ୍ଚି ବ୍ୟାଗ୍‌ଟିକୁ ଠାବ କରିଥିଲେ। ବ୍ୟାଗ ଭିତରୁ ଏକ ଟିକ୍‌ଟିକ୍ ସାଉଣ୍ଡ ଆସୁଥିଲା। ଏଥିରେ ବୋମାଥିବା ଆଶଙ୍କା କରି ଆରପିଏଫ କର୍ମଚାରୀ ଉକ୍ତ ବ୍ୟାଗକୁ ଅଲଗା କରିବା ସହ ଆରପିଏଫ ଓ ଜିଆରପି ଥାନା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ସୁରକ୍ଷା ଦୃଷ୍ଟିରୁ ବୋମା ବ୍ୟାଗ୍ ଉପରେ ବାଲିବସ୍ତା ଲଦାଯାଇଥିଲା। ଷ୍ଟେଶନରେ ଥିବା ଲୋକମାନଙ୍କୁ ଆପାତକାଳୀନ ଫାଟକ ବାଟଦେଇ ବାହାର କରାଯାଇଥିଲା। ସଙ୍ଗେ ସଙ୍ଗେ ଷ୍ଟେଶନରେ ବ୍ୟାରିକେଡ ଲଗାଯିବା ସହ ଭିତରେ ଓ ଫାଟକ ନିକଟରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଥିଲା। ଏହା ପରେ ଷ୍ଟେଶନ ଭିତରେ ଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଖୋଜାଯାଇଥିଲା। କିଛି ସମୟ ପରେ ବୋମା ନିଷ୍କ୍ରିୟକାରୀ ଦଳ ସେଠାରେ ପହଞ୍ଚି ଡିଟେକ୍ଟର ଓ ସନ୍ଧାନୀ କୁକୁର ମାଧ୍ୟମରେ ବ୍ୟାଗକୁ ଯାଞ୍ଚ କରିଥିଲେ। ଏକ ଦଉଡି ସାହାଯ୍ୟରେ ବ୍ୟାଗକୁ ବାହାରକୁ ଅଣାଯିବା ସହ ସେଥିରେ ଥିବା ବୋମାକୁ ନିଷ୍କ୍ରିୟ କରାଯାଇଥିଲା। ଏହି ମକ୍‌ଡ୍ରିଲରେ ଆରପିଏଫ ଥାନା ଅଧିକାରୀ ପ୍ରବୀଣ କୁମାର, ଜିଆରପି ଥାନା ଅଧିକାରୀ ଉମାକାନ୍ତ ବିଶ୍ୱାଳ, ଷ୍ଟେଶନ ମ୍ୟାନେଜର ସୌରଭ ମୁଖୋପାଧ୍ୟାୟ, ବୋମା ନିଷ୍କ୍ରିୟ ଦଳଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।



ମିଶନ ରୋଡସ୍ଥିତ କଟକ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ପ୍ରାଙ୍ଗଣରେ ଶନିବାର କଟକ ଖ୍ରୀଷ୍ଟୀୟ ଉଦ୍‌ଯୋଗ ସମିତିର କ୍ରୀସ୍‌ମାସ କ୍ୟାରୋଲରେ ପରିବେଷିତ ନାଟକର ଏକ ଦୃଶ୍ୟ।

## ଇକିଗାଇ କାର୍ଯ୍ୟକ୍ରମ

**କଟକ ଅଫିସ, ୧୪।୧୨**

ଏସ୍‌ସିବି ମେଡିକାଲ କଲେଜ ଛାତ୍ର ସଂସଦର ଜର୍ନାଲ ସୋସାଇଟି ପକ୍ଷରୁ ଭାଷା ଓ ସାହିତ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ 'ଇକିଗାଇ' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡିକାଲ କଲେଜର ଛାତ୍ରୀଛାତ୍ରମାନେ ଭାଷା ସାହିତ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଏଥିସହ ଆୟୋଜିତ ବିବିଧ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ବୈଷ୍ଣୋବ ଜନ... ଗାନ୍ଧୀ ଭଜନ ପରିବେଷଣ କରିଥିଲେ। ଏହି ଭଜନର ତାଳେ ତାଳେ ବରିଷ୍ଠ ସ୍ଥପତି ରବି ନାରାୟଣ ରଥ ଗାନ୍ଧିଜୀଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଡ. ଶ୍ରୀକାନ୍ତ କୁମାର ପଣ୍ଡା ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଜ୍ଞାନ ଆହରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବେ ଡ. ପ୍ରଦୀପ କୁମାର ନାୟକ, ଡ. ନନ୍ଦଦୂତୀ ଆଚାର୍ଯ୍ୟ ଏବଂ ଡ. ସନ୍ମୟ ପଣ୍ଡା ଯୋଗଦେଇଥିଲେ। ଜର୍ନାଲ ସୋସାଇଟିର ସମ୍ପାଦକ ଆକାଶ ରଞ୍ଜନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ସଂସଦର ସଭାପତି ବିଶ୍ୱଜିତ୍ ସାହୁ, ସହସମ୍ପାଦକ ସାଇରଞ୍ଜନ ସାହୁ, ସୌରଭ ରଞ୍ଜନ ପରିଜା, ମନୋରଞ୍ଜନ ଦାସ, ଗିରିଶ ବେହେରା, ପ୍ରଜ୍ଞା ଜୈନଙ୍କ ସହ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ରେଳ ଷ୍ଟେଶନରେ ମକ୍‌ଡ୍ରିଲ କରାଯାଉଛି।

## ‘ଆସ୍କ୍ ମି ଏନିଥିଂ’: ଲୋକଙ୍କ ଉତ୍ତର ରଖିଲେ ପୋଲିସ କମିଶନର

# ରାଜଧାନୀରେ ଖୁବ୍‌ଶୀଘ୍ର ଇ-ପୋଲିସ ଷ୍ଟେଶନ

**ଭୁବନେଶ୍ୱର,୧୪।୧୨(ବ୍ୟୁରୋ)**

ଆସ୍କ ମି ଏନିଥିଂ କାର୍ଯ୍ୟକ୍ରମ ଜରିଆରେ ଲୋକେ ଟୁଇଟ୍‌ରେ ପଚାରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି ପୋଲିସ କମିଶନର। ଗତ ୧୨ତାରିଖ ସୁଦ୍ଧା ପ୍ରାୟ ୩୦୦ ପ୍ରଶ୍ନ ପଚରାଯାଇଥିଲା। ଶନିବାର ଅପରାହ୍ନ ୫ଟାରେ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଫେସ୍‌ବୁକ ଓ ଟୁଇଟର ଲାଇଭରେ ଆସି ସେହି ସବୁର ଉତ୍ତର ରଖିଛନ୍ତି। ବିଶେଷକରି ଆଇନଶୃଙ୍ଖଳା, ଟ୍ରାଫିକ ସମସ୍ୟା, ପୋଲିସର ବ୍ୟବହାର ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ ପ୍ରଶ୍ନ ରହିଥିଲା।

ପୋଲିସ ଉପରେ ରାଜନୈତିକ ଚାପ ରହୁଛି। ପୋଲିସ ଏ ଦିଗରେ କିଭଳି କାମ କରୁଛି ବୋଲି ଅନେକ ଲୋକ ପଚାରିଥିଲେ। କମିଶନର କହିଥିଲେ, ସୋସିଆଲ ମିଡିଆ, ଡିଜିଟାଲ ମିଡିଆ ଆସିବା ପରଠୁ ପୋଲିସ ଉପରେ ଚାପ କମିଛି। କାରଣ କୌଣସି ନେତା ଅବା ସରକାରୀ ଉଚ୍ଚ ପଦବୀରେ ଥିବା ବ୍ୟକ୍ତି ଅପରାଧ କଲେ ଖସିବାର ବାଟ ନାହିଁ। ଏହା ତୁରନ୍ତ ସୋସିଆଲ ମିଡିଆରେ ପ୍ରଚାର ହୋଇଯାଉଛି। ଫଳରେ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସହଜ ହେଉଛି। ସେହିପରି ମୋବାଇଲ ଫୋନ୍‌ରେ ଏଫ୍‌ଆଇଆର୍ ଦେବା ନେଇ ପ୍ରଶ୍ନର ଉତ୍ତରରେ କମିଶନର କହିଥିଲେ, ସିଆର୍‌ପିସି ୧୫୪ ଅନୁଯାୟୀ ଥାନାରେ ଲିଖିତ ଅଭିଯୋଗ କରିବାକୁପଡ଼ିବ। ତେବେ ଏଥିଲାଗି ଭୁବନେଶ୍ୱରରେ ଖୁବ୍‌ଶୀଘ୍ର ଇ-ପୋଲିସ ଷ୍ଟେଶନ ଖୋଲାଯିବ। ଯେଉଁଥିରେ ମୋବାଇଲ୍ ଓ ବାଇକ ଲୁଟ୍ ଭଳି ଛୋଟ ଛୋଟ ଅଭିଯୋଗ ଫୋନ୍ ମାଧ୍ୟମରେ କରିହେବ। ରାଜଧାନୀର କେଉଁ ଥାନା ଅଞ୍ଚଳରେ ନିଶା ବେପାର ହେଉଛି ବୋଲି ଲୋକେ ପଚାରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଷଡଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଥାନାକୁ ଅଭିଯୋଗ କରିବାକୁ ଗଲେ ପୋଲିସ ଅଭିଯୋଗ କପି ସହ ଆଧାରକାର୍ଡ ମାଗୁଛି, ଏହା କ'ଣ ଠିକ୍ ବୋଲି ଲୋକେ ପଚାରିଥିଲେ। ଏହା ଠିକ୍ ନୁହେଁ ବୋଲି ପୋଲିସ କମିଶନର କହିବା ସହ ଯେଉଁ ଥାନାରେ ଏଭଳି ମାଗୁଛନ୍ତି ଜଣାଇବାକୁ କହିଛନ୍ତି। ଥାନାରେ ଅଭିଯୋଗକାରୀଙ୍କ ପ୍ରତି ପୋଲିସର ବ୍ୟବହାର ଠିକ୍ ରହୁଛି, କିନ୍ତୁ ଅଭିଯୁକ୍ତଙ୍କ ପ୍ରତି ଖରାପ ବ୍ୟବହାର ହେଉଥିବା ଜଣେ ବ୍ୟକ୍ତି କହିଥିଲେ। ଏ ନେଇ ଅବଗତ ନ ଥିବା କମିଶନର ଷଡ଼ଙ୍ଗୀ କହିବା ସହ ଆଗାମୀ ଦିନରେ ବୈଠକ କରି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଏଥିପ୍ରତି ସଚେତନ କରାଯିବ ବୋଲି କହିଛନ୍ତି। ଥାନା ପରିସରରେ ଗଦା ହେଉଥିବା ଜବତ ଗାଡ଼ି ଓ ଚେନ୍ ଲୁଟ ସମେତ କଟକ ସହରରେ ଗତ ୧୨ତାରିଖରେ ଘଟିଥିବା ଦମ୍ପତି ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍ କେବେ ହେବ ବୋଲି ଅନେକେ ପଚାରିଥିଲେ। ପୋଲିସ କମିଶନରଙ୍କ ଏଭଳି ଲାଇଭ ଉତ୍ତର କାର୍ଯ୍ୟକ୍ରମକୁ ସାଧାରଣରେ ସ୍ୱାଗତ କରାଯାଇଛି।

## କ୍ରିକେଟ: ଫକିରପଡା ବିଜୟୀ

**ନରାଜ, ୧୪।୧୨(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱବିଜୟୀ ୟୁଥକ୍ଲବ ଆନୁକୂଲ୍ୟରେ ମଧୁବନ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୨୪ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ଫକିରପଡା ବିଜୟୀ ହୋଇଛି। ଏହି ମ୍ୟାଚ ଫକିରପଡା ଓ ବିଦ୍ୟାଧରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫକିରପଡା ପ୍ରଥମେ ବ୍ୟାଟିଂ କରି ୧୦୯ ରନ ସଂଗ୍ରହ କରିଥିଲା। ଜବାବରେ ବିଦ୍ୟାଧରପୁର ୯୨ ରନକରି ସମସ୍ତ ଉଇକେଟ ହରାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଓ ସରପଞ୍ଚ ସୁମିନା ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଖେଳକୁ କ୍ଲବର ବୁଟୁ ମାଝୀ, ସିଲୁ ମାଝୀ, ସୁନୀଲ ସ୍ୱାଇଁ, କୁନୁ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।




କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଭାରତୀୟ ଗଣନାଟ୍ୟ ସଂଘ ପକ୍ଷରୁ ଗଣନାଟ୍ୟ ସଂଘର ପ୍ରତିଷ୍ଠାତା କୈଫ୍ ଆଜମିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଯୋଗଦେଇଥିବା ଅତିଥିବୃନ୍ଦ।

## ନଦୀରେ ଭାସୁଛି ମୃତଦେହ

**କଟକ ସଦର,୧୪।୧୨(ଡି.ଏନ୍.ଏ.)**

କଟକ ସଦର ଥାନା ଅନ୍ତର୍ଗତ ଶ୍ରୀକୋରୁଆଁ ନିକଟ ସିଜୁଆ ନଦୀରେ ଶନିବାର ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନଦୀରେ ପାଣି କମଥିବାରୁ ଯୁବକଙ୍କ ମୃତଦେହ କେଉଁଠୁ ଆସିଲା ତାହା ତଦନ୍ତ ସାପେକ୍ଷ।

## ‘ଓଡ଼ିଆ ବାଣୀ ଭଣ୍ଡାରକୁ ପଣ୍ଡିତ ନୀଳମଣିଙ୍କ ଅବଦାନ ଅତୁଳନୀୟ’

**ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୨ତମ ଜୟନ୍ତୀ**

**କଟକ ଅଫିସ, ୧୪।୧୨**

ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସମୀଚୀନ' ଆନୁକୂଲ୍ୟରେ ମର୍କତନଗରଠାରେ ସମାଜ ସଂସ୍କାରକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ୧୫୨ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ସମାଜସେବୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ସଂସ୍କୃତ ଓ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ସମ୍ବଲପୁର ହିତୈଷିଣୀ ଓ ସାପ୍ତାହିକ ଉତ୍କଳ ଦୀପିକାର ସମ୍ପାଦନା ଦାୟିତ୍ୱ ସେ ତୁଲାଇଥିଲେ। ବାସୁଦେବ ସୁଢ଼ଳ ଦେବ ତାଙ୍କୁ ବିଦ୍ୟାରତ୍ନ ସମ୍ମାନରେ ଭୂଷିତ କରିଥିଲେ। ଓଡ଼ିଆ ବାଣୀ ଭଣ୍ଡାରକୁ ତାଙ୍କ ଅବଦାନ ଅତୁଳନୀୟ। ଅନ୍ୟତମ ଅତିଥିଭାବେ ଡ. ପରିଣୀତା ଦାସ ଯୋଗଦେଇ କହିଥିଲେ, ଖଲ୍ଲିକୋଟ ରାଜାଙ୍କ ସମର୍ଥନରେ ନୀଳମଣି ଉତ୍କଳସଭାର ଆୟୋଜନ କରିଥିଲେ। ପରବର୍ତ୍ତୀ ସମୟରେ ଉତ୍କଳ ସମ୍ମିଳନୀର ମୂଳଦୁଆ ପକାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଲୋପାମୁଦ୍ରା ପାତ୍ର, ଗୀତିସୁଧା ସାହୁ, ଡ. ପବିତ୍ର ପ୍ରଧାନ, ସଂଯୁକ୍ତା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

## ‘ଗୋ ସେବା ସଂସ୍କୃତିର ପ୍ରତୀକ’

**ନିଶ୍ଚିନ୍ତକୋଇଲି, ୧୪।୧୨(ସ୍ୱ.ପ୍ର.)**

ଗୋ ସେବା ଓ ଗୋ ପୂଜା ହେଉଛି ଏକ ସଂସ୍କୃତିର ପ୍ରତୀକ। ଗୋ ମାତାକୁ ଭୁଲିବା ଅର୍ଥ ସଂସ୍କୃତିକୁ ଭୁଲିବା । ଯଦି ଆମେ ସଂସ୍କୃତିକୁ ଭୁଲି ଯାଉ ତେବେ ଗୋ ମାତାଙ୍କଠାରୁ ଆମେ ଦୂରେଇ ଯିବା। ନିଜ ପରିବାର ପରିବେଶ,ଶିକ୍ଷାନୁଷ୍ଠାର ପରିବେଶ, ସାମାଜିକ ପରିବେସରେ ଗୋ ମାତାଙ୍କ ସେବା ଉପରେ କୌଣସି ଦିଗ୍ ଦର୍ଶନ ଦିଆଯାଉନାହିଁ। ପ୍ରଗତିର ନାଆଁରେ ଆଧୁନିକତାର ଛାପ ଦେଇ ଭାରତୀୟ ସଂସ୍କୃତି ଓ ବୈଦିକ ସଂସ୍କୃତିର ଅବକ୍ଷୟ ଘଟିଛି। ଗାଁ ଠାରୁ ବିଶ୍ୱ ପର୍ଯ୍ୟନ୍ତ ଏବେ ଆଧ୍ୟାତ୍ମିକ ଚେତନାର ଅଭାବ ରହିଛି । ଫଳରେ ଦେଶ ରାଜ୍ୟ ତଥା ବିଶ୍ୱରେ ଶାନ୍ତିର ଅଭାବ ରହିଛି ବୋଲି ଅଶୁରେଶ୍ୱର ଗୋରକ୍ଷଣିର ପ୍ଲାଟିନମ୍ ଜୁବିଲି ଉତ୍ସବକୁ ଉଦ୍‌ଘାଟନ କରି ଗଜପତି ମହାରାଜ ଦିବ୍ୟସିଂହ ଦେବ ମତବ୍ୟକ୍ତ କରିଛନ୍ତି। ମୁଖ୍ୟବକ୍ତାଭାବେ ପୁରୀ କ୍ରିୟାଯୋଗ ଆଶ୍ରମର ପରମହଂସ ପ୍ରଜ୍ଞାନନ୍ଦ ଗିରି ଯୋଗ ଦେଇ କହିଥିଲେ, ଗୋମାତା ହେଉଛନ୍ତି ଏଭଳି ଏକ ମା' ଯେ କି ନିଜ ପିଲାପାଇଁ କ୍ଷୀର ଦେବା ସହ ସମାଜକୁ ଅମୃତ ଦାନ କରିଥାନ୍ତି। ଗୋମାତାର ସମସ୍ତ ଦ୍ରବ୍ୟ ଜନ ହିତରେ ଲାଗିଥାଏ। ସମ୍ପ୍ରତି ଦେଶୀ ଗାଈର କ୍ଷୀର ପାଶ୍ଚାତ୍ୟ ଦେଶରେ ଚାହିଦା ଥିବା ବେଳେ ଉତ୍କଳ ପ୍ରଦେଶରେ ଗୋ ଚାଷ ପ୍ରତି ସାଧାରଣ ଲୋକେ ବିମୁଖ ହେଉଛନ୍ତି। ଉତ୍କଳ ଭୂମିରେ ଏବେ ସେବାର ଅଭାବ ଦେଖିବାକୁ ମିଳିଛି ବୋଲି ସେ କହିଥିଲେ। ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଆଇନ, ପଞ୍ଚାୟତିରାଜ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଗୋମାତା ସେବା ଉପରେ ସଂକ୍ଷିପ୍ତ ଟିପ୍ପଣୀ ରଖିଥିଲେ। କାର୍ଯ୍ୟକ୍ରମକୁ ସମିତି ସଭାପତି ଅତନୁ ସବ୍ୟସାଚୀ ନାୟକ ପରିଚାଳନା କରିଥିଲେ। ପୂର୍ବାହ୍ନରେ ଗୋରକ୍ଷଣୀ ପରିସରରେ ମୁଷ୍ଟିଦାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀର ମୁଖ୍ୟ ଅତିଥିଭାବେ କିସ୍ ବିଶ୍ୱ ବିଦ୍ୟାଳୟର କୁଳପତି ହରେକୃଷ୍ଣ ଶତପଥୀ ଯୋଗଦେଇ ଗୋ ସୁରକ୍ଷା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ଗାନ୍ଧୀ ବିଚାର ମଞ୍ଚର ସଭାପତି ପ୍ରହଲ୍ଲାଦ ସିଂ, ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ସବିତା ଓଝା ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।




ଉତ୍ସବରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟମାନେ।



ବେଇମାନୀ ହେଉଛି ସମସ୍ତ
ପାପର ଜନନୀ।
ଶିରିଡ଼ି ସାଇବାବା



## ସଂକ୍ଷେପରେ

### ରାଷ୍ଟ୍ରୀୟ ଲୋକ ଅଦାଲତ
## ୯୭ ମାମଲାର ଫଇସଲା

**ଖୋର୍ଦ୍ଧା ଅଫିସ,୧୪।୧୨:** ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୭ ମାମଲା ଫଇସଲା କରାଯାଇ ୧ କୋଟି ୭୦ ଲକ୍ଷ ୪୯ ହଜାର ୬୬୮ ଟଙ୍କା ଆଦାୟ ହୋଇଛି। ଏଥିରେ ୭୦ ବୈବାହିକ ମାମଲା ଓ ୨ ପାରିବାରିକ ହିଂସା ମାମଲା, ୪୫ ଫୌଜଦାରି ମାମଲା, ୧୦ ଦେୱାନୀ ମାମଲା, ୨୮ ମୋଟର ଦୁର୍ଘଟଣା ମାମଲା ରହିଛି। ଏହାକୁ ପ୍ରଥମ ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ ଆଇନ ସେବା କମିଟିର ଚେୟାରମ୍ୟାନ ଦିଲୀପ କୁମାର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତର ଜଜ୍ ଦିବଙ୍ଗର ପୃଷ୍ଟି, ୨ୟ ଅତିରିକ୍ତ ଜିଲା ଜଜ୍ ଅମୀୟ ରଞ୍ଜନ ଜେନା, ସିନିୟର ସିଭିଲ ଜଜ୍ (ମହିଳା ଅଦାଲତ) ସୋମାଲିତା ମିଶ୍ର, ଏସ୍‌ଡିଜେଏମ୍ ସନ୍ଧ୍ୟା ରଥ, ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗଛ ନଷ୍ଟ କରିବା ନେଇ ଥାନାରେ ଅଭିଯୋଗ

**ଜଟଣୀ,୧୪।୧୨(ଡି.ଏନ.ଏ.):** ଜଟଣୀ ବ୍ଲକ ଛଣଘର ପଞ୍ଚାୟତର କୁଶମାଟି ଖଣ୍ଡୁଆଳି ପୋଖରୀ ନିକଟରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଲାଗିଥିବା ଚାରା କେତେଜଣ ଦୁର୍ବୃତ୍ତ ନଷ୍ଟ କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପଞ୍ଚାୟତର ସରପଞ୍ଚ ସୁନୀଲ ରାଉତରାୟ ଏହି ଅଭିଯୋଗ କରିଛନ୍ତି। ପୋଖରୀ ହୁଡାରେ ଲାଗିଥିବା ନଡିଆ ଗଛ ଚାରାଗୁଡିକୁ ଦୁର୍ବୃତ୍ତମାନେ ଓପାଡି ଦେଇ ନଷ୍ଟ କରି ଦେଉଥିବା ଅଭିଯୋଗରେ ସେ ଉଲ୍ଲେଖ କରିଛନ୍ତି।

### ରୋଗୀ ପାଉନାହାନ୍ତି ସେବା
## ଡାକ୍ତର ସ୍ୱାସ୍ଥ୍ୟ ଶିବିରରେ ବ୍ୟସ୍ତ

**ଖୋର୍ଦ୍ଧା ଅଫିସ,୧୪।୧୨:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ୭୪ ଡାକ୍ତର ପଦବୀରୁ ୩୫ ଖାଲିପଡିଛି। ଏଭଳିସ୍ଥଳେ ଡାକ୍ତର ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ଶିବିରରେ ରହୁଥିବାରୁ ରୋଗୀସେବା ପାଉ ନ ଥିବା ଅଭିଯୋଗ ହେଉଛି। ମଲ୍ଲୀପୁରର ସାମାଜିକ କର୍ମୀ ପୀତାମ୍ବର ରଣାଙ୍କ ଅଭିଯୋଗ ଅନୁସାରେ ପ୍ରାୟ ୧୦ ଦିନ ହେଲା କର୍ଣ୍ଣ, ନାସା ଓ ଗଳା ବିଶେଷଜ୍ଞଙ୍କୁ ଦେଖିବାକୁ ମିଳୁନି। ସେ କେତେବେଳେ ଆସୁଛନ୍ତି ଯାଉଛନ୍ତି ଜଣାପଡୁନି ଏଭଳିସ୍ଥଳେ କିଛି ରୋଗୀ ପ୍ରାୟ ୧୦ ଦିନ ହେଲା ବାରମ୍ବାର ଆସି ଫେରୁଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନିରାକରଣ କରିବାକୁ ଦାବି ହେଉଛି।

## ରାଜ୍ୟସ୍ତରୀୟ ଫୁଟ୍‌ବଲ: ଜଗା ୟୁନିଟ ଭୁବନେଶ୍ୱର ବିଜୟୀ

**ବୋଲଗଡ଼,୧୪।୧୨(ଡି.ଏନ.ଏ.):** ବୋଲଗଡ ବାମନ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ଜାନକୀ ପାଢୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ୨ୟ ଲିଗ୍ ମ୍ୟାଚ ଭଞ୍ଜନଗର ବଳରାଜ କ୍ଲବ ଓ ଭୁବନେଶ୍ୱରର ଜଗା ୟୁନିଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୨ ଗୋଲ ବ୍ୟବଧାନରେ ଭୁବନେଶ୍ୱର ଦଳ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଭଞ୍ଜନଗର ଟିମ୍ ଗୋଟିଏ ଗୋଲ ସ୍କୋର କରିଥିଲା ବେଳେ ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଦଳ ୨ଟି ଗୋଲ କରିଥିଲା। ଏମ୍.ଏସ୍. ବେଗ୍ ଖେଳ ପରିଚାଳନା କରିଥିଲା ବେଳେ ଲକ୍ଷ୍ମୀଧର ଚୌଧୁରୀ ଓ ରବିନାରାୟଣ ରଣା ଲାଇନ୍ସରେ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଭଞ୍ଜ କିଶୋର ଯତି କାର୍ଯ୍ୟ ତୁଲାଇଥିଲେ।

## ଗାୟକରତ୍ନ ସ୍ୱର୍ଗତ ଲୋକନାଥ କରଙ୍କ ଜୟନ୍ତୀ

**ଚିଲିକା,୧୪।୧୨(ଡି.ଏନ୍.ଏ.):** ଗାୟକରତ୍ନ ସ୍ୱର୍ଗତ ଲୋକନାଥ କରଙ୍କ ୧୦୭ତମ ଜୟନ୍ତୀ ସମାରୋହ ଶନିବାର ବଡ଼ପଦରସ୍ଥିତ ଲୋକନାଥ କର ଜୟନ୍ତୀ କମିଟି ପକ୍ଷରୁ ଜଗତି ମହାବୀରଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରୁ ବିଭିନ୍ନ ବୈଦିକ କାର୍ଯ୍ୟକ୍ରମ ପରେ ସଂକୀର୍ତ୍ତନ, ଦାସକାଠି ଓ ବିଭିନ୍ନ ପାଲାଗାୟକଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ ଅନିରୁଦ୍ଧ ସିଂ, ସୁଦର୍ଶନ ମହାପାତ୍ର, ଚକ୍ରଧର ବାରିକ, ଚିଲିକା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ପ୍ରଫେସର ଗଙ୍ଗାଧର ପ୍ରଧାନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କମିଟି ସଭାପତି ନବକିଶୋର ମହାରଣା ଓ ସମ୍ପାଦକ ରାମଚନ୍ଦ୍ର କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜାତୀୟ ସଂହତି ଶିବିରରେ ୩ୟ ଦିବସରେ ପିଲାମାନେ ପ୍ରଶିକ୍ଷଣ ନେଉଛନ୍ତି ।



ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନେ ।

### ଜାତୀୟ ସଂହତି ଶିବିରର ତୃତୀୟ ଦିବସ
# ଆକର୍ଷଣୀୟ ଡାକରେ ଗ୍ରାହକ ଆକୃଷ୍ଟ

**ଖୋର୍ଦ୍ଧା ଅଫିସ,୧୪।୧୨**

ଖୋର୍ଦ୍ଧା ସହର ବରୁଣେଇ ଶିଳ୍ପାଞ୍ଚଳର ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ତତ୍ତ୍ୱାବଧାନରେ ଜାତୀୟ ସଂହତି ଶିବିର ଚାଲିଛି। ଏହାର ତୃତୀୟ ଦିବସରେ ଗ୍ରାମ୍ୟ ବଜାରରେ ଗ୍ରାହକଙ୍କୁ ଆକୃଷ୍ଟ ପାଇଁ ବ୍ୟବସାୟୀଙ୍କ ଡାକରା ସମସ୍ତଙ୍କୁ ବେଶ୍ ବିମୋହିତ କରିଥିଲା।

ଅପରାହ୍ନ ୨ଟାରେ ଆରମ୍ଭ ହୋଇଥିଲା ଆକର୍ଷଣୀୟ ରଙ୍ଗୋଲି ପ୍ରତିଯୋଗିତା। ଶିବିର ସ୍ଥଳ ନିକଟରେ ରଙ୍ଗ ବେରଙ୍ଗର ଝୋଟି ଚିତ୍ର ଶିବିର ପରିବେଶକୁ ଆହୁରି ରଙ୍ଗାୟିତ କରିଥିଲା। କିଏ ଗାନ୍ଧିଜୀଙ୍କ ଚିତ୍ର ଝୋଟିରେ କରିଥିଲା ତ ଆଉ କିଏ ସ୍କାଉଟ, ଗାଇଡ୍ ଲୋଗୋ କରି ନିଜର ପରାକାଷ୍ଠା ଦେଖାଇଥିଲେ। ସେହିପରି ଆଉ କିଏ ଜଗନ୍ନାଥଙ୍କ ଚିତ୍ର, ପାରା ଚିଠି ବାଣ୍ଟିବା, ଫୁଲ ପ୍ରଦର୍ଶନୀ, ହ୍ୱାଟସ୍ ଆପ, ଫେସବୁକ୍ ଓ ୟୁଟ୍ୟୁବର ରଙ୍ଗୋଲି କରି ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲେ। ପରେ ନିଜ ନିଜ ଜିଲାର ଖାଦ୍ୟର ସମାହାର ଦେଖିବାକୁ ମିଳିଥିଲା। ଏଠାରେ ଭଦ୍ରକର ରସଗୋଲା, ପିଠା ଓ ପାଳୁଅ ଲଡୁ ଏବଂ କେନ୍ଦ୍ରାପଡାର ରସାବଳି ଉପଲବ୍ଧ ହୋଇଥିଲା। ସେହିପରି କନ୍ଧମାଳ ହଳଦୀ, ଢେଙ୍କାନାଳ ବରା, ଯାଜପୁର ମୁଢ଼ି, ମୁଆଁ, ପିଠା ଓ ବାଦାମ ଲଡୁ ପରି ବିଭିନ୍ନ କିସମର ଖାଦ୍ୟ ଉପକରଣ ମିଳୁଥିଲା। ସ୍କାଉଟ୍ସ ଏବଂ ଗାଇଡ୍ସମାନେ ଏସବୁ ଉପକରଣ ତିଆରି କରି ନିଜ ଜିଲାର ପ୍ରସିଦ୍ଧ ଖାଦ୍ୟ ପଦାର୍ଥକୁ ଏଠାରେ ଉପସ୍ଥାପନ କରିଥିଲେ। ଗ୍ରାମ୍ୟ ବଜାରର ଦୃଶ୍ୟ ଥିଲା ଅତୀବ ମନୋରମ। ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସାୟୀଙ୍କ ଭିନ୍ନ ଭିନ୍ନ ଚାତୁରତାର ଡାକରା ଶିବିରାର୍ଥୀମାନଙ୍କ ମଧ୍ୟରେ ଭିନ୍ନ ମାହୋଲ ସୃଷ୍ଟି କରିଥିଲା। ଏହି ବଜାରରେ ପନିପରିବା, ଛାଞ୍ଚୁଣି, ଝାଡୁ, ବିଞ୍ଚଣା ପରି ଭିନ୍ନ ଭିନ୍ନ ଘର ଉପକରଣ ସହ ଖାଦ୍ୟ ମିଳୁଥିଲା। ସ୍କାଉଟ୍ସ ଏବଂ ଗାଇଡ୍ସମାନେ ପାରମ୍ପରିକ ପୋଷାକ ପରିହିତ କରି ନିଜକୁ ଜଣେ ଭଲ ବ୍ୟବସାୟୀର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲେ। ତେବେ ପ୍ରତ୍ୟୁଷରୁ ସ୍କାଉଟ ଓ ଗାଇଡ ନିଜ ନିଜର ନିତ୍ୟ କର୍ମ ସାରି ରାମଧୁନ ସହ ପ୍ରଭାତ ଫେରି କରିଥିଲେ। ଗାନ୍ଧିଜୀଙ୍କ ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଗୋଷ୍ଠୀ ସେବା କାର୍ଯ୍ୟକ୍ରମ ଅନୁଯାୟୀ ସ୍ଥାନୀୟ ବରୁଣେଇ ପୀଠ ସ୍ଥଳରେ ସଫେଇ କାର୍ଯ୍ୟ କରିଥିଲେ। ପରେ ବିଧି ମୁତାବକ ପତାକା ଉତ୍ସବ ପର୍ବ ସହ ବିଭିନ୍ନ ପ୍ରତିଯୋଗିତା ଯଥା– ରଙ୍ଗୋଲି, ଗାନ୍ଧୀଙ୍କ ଉପରେ ବକ୍ତୃତା ସହିତ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଶାନ୍ତିର ବାର୍ତ୍ତାବହ, ସସ୍‌ଟେନେବଲ ଡେଭଲପମେଣ୍ଟ ଗୋଲ୍ କାର୍ଯ୍ୟକ୍ରମ ଆଦିରେ ସ୍କାଉଟ ଓ ଗାଇଡ୍‌ମାନେ ନିୟୋଜିତ ହୋଇଥିଲେ। ଏଥିସହ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଧାରିତ ଫଟୋ ପ୍ରଦର୍ଶନୀ ଏବଂ ଦୁଃସାହସିକ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା ସମୟରେ ନୃତ୍ୟ ପ୍ରତିଯୋଗିତା ବିଶେଷ ଆକର୍ଷଣ ଥିଲା। ଏଠାରେ ଆଞ୍ଚଳିକ ନୃତ୍ୟ ସ୍ଥାନ ପାଇଥିଲା। ସେହିଭଳି ସନ୍ଧ୍ୟାରେ ସ୍କାଉଟ ଓ ଗାଇଡଙ୍କ ମଧ୍ୟରେ ର୍‌ୟାମ୍ପ ଶୋ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଅଧିବେଶନରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ପ୍ରଦୀପ କୁମାର ବିଶ୍ୱାଳ ଯୋଗ ଦେଇଥିଲେ।

### ଗ୍ରାମ୍ୟ ବଜାର ସୃଷ୍ଟି କଲା ଭିନ୍ନ ମାହୋଲ



ଶିବିର ପରିସରରେ ପିଲାମାନଙ୍କ ଦ୍ୱାରା ବଜାରରେ ସାମଗ୍ରୀ ବିକ୍ରି ଚାଲିଛି ।

### ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା
# ନାବାଳକଙ୍କ ସମେତ ୬ ଧରାପଡ଼ିଲେ
### ସୁନ୍ଦରପଦା ଅମରେଶ ହତ୍ୟାର ପ୍ରତିଶୋଧ ପାଇଁ ହୋଇଥିଲା ଆକ୍ରମଣ

**ଯାଁଲା,୧୪।୧୨(ଡି.ଏନ.ଏ.):** ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ଏକ ଘରୋଇ କଲେଜର ଛାତ୍ର ଜଗତ୍‌ଜିତ ଗଜେନ୍ଦ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଜଟଣୀ ପୋଲିସ ୬ ଜଣଙ୍କୁ ଧରିଛି। ୬ ଜଣଙ୍କ ମଧ୍ୟରେ ଥିବା ଜଣେ ନାବାଳକଙ୍କୁ ବ୍ରହ୍ମପୁରସ୍ଥିତ ସୁଧାର ଗୃହକୁ ପଠାଇଛି। ଗିରଫ ଅନ୍ୟ ୫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଗିରଫ ୫ ଜଣ ହେଲେ ଜଟଣୀ କାଇମାଟିଆ ଗ୍ରାମର ସନ୍ଦୀପ ପରିଡା ଓରଫ ସୋନୁ, ମଦନପୁର ଗ୍ରାମର ସାର୍ଥକ ଜେନା, ଭୁବନେଶ୍ୱର କପିଳପ୍ରସାଦର ସନ୍ଦୀପ ଦାସ ଓରଫ ବଣ୍ଟି, ଦେବୀପ୍ରସାଦ ସେଠୀ, ଭୀମଟାଙ୍ଗୀର ସନ୍ତୋଷ ସେନାପତି। ଗତ ୧୦ ତାରିଖ ପୂର୍ବାହ୍ନ ୧୨ଟାରେ ଏହି ଘରୋଇ କଲେଜ ନିକଟରେ ଛିଡା ହୋଇଥିବା ଜଗତଜିତ୍ ଉପରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ସେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ସୁନ୍ଦରପଦା ଅମରେଶ ହତ୍ୟା ଘଟଣାର ପ୍ରତିଶୋଧ ନେବା ପାଇଁ ଏପରି ଆକ୍ରମଣ କରାଯାଇଥିବା ଏହା ପଛର କାରଣ ବୋଲି ପୋଲିସ କହିଛି। ଦୀପାବଳି ରାତିରେ ସୁନ୍ଦରପଦାସ୍ଥିତ ଏକାମ୍ର କଲେଜ ନିକଟରେ ଅମରେଶଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିଲା। ଘଟଣାରେ ଜଗତ୍‌ଜିତଙ୍କ ବଡ଼ଭାଇ ଅଭିଯୁକ୍ତ ରହି ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ଜଗତ୍‌ଜିତ ଉପରେ ସଂଘବଦ୍ଧ ଆକ୍ରମଣରେ ଦୁଇଜଣ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ନାବାଳକଙ୍କୁ ଧରି ପୋଲିସ ସୁଧାରଗୃହକୁ ପଠାଇଛି। ତେବେ ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଏ ନେଇ ନଂ. ୪୯୬/୧୯ରେ ମାମଲା ରୁଜୁ ହୋଇଛି।

### ୧୬ରେ ଖୋର୍ଦ୍ଧା ମହୋତ୍ସବ
# ସ୍ଥାନ ପରିବର୍ତ୍ତନକୁ ନେଇ ଜିଲାପାଳଙ୍କୁ ଫେରାଦ

**ଖୋର୍ଦ୍ଧା ଅଫିସ,୧୪।୧୨:** ଖୋର୍ଦ୍ଧା ମହୋତ୍ସବ ଆସନ୍ତା ୧୬ ତାରିଖରୁ ଖୋର୍ଦ୍ଧା ଷ୍ଟାଡିୟମରେ ହେବ। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଓ ଶେଷ ଦିବସରେ ସାଧାରଣ ସଭାକୁ ଛାଡି ଦେଲେ ଅନ୍ୟ ଦିନରେ ହେବନାହିଁ। ପ୍ରତ୍ୟେକ ବର୍ଷ ପ୍ରତିଦିନ ସଭା ହେଉଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକ ଥିବାରୁ ମହୋତ୍ସବ କମିଟିର ସଭାପତି ଦିଲୀପ ଶ୍ରୀଚନ୍ଦନ ଖବରଦାତା ସମ୍ମିଳନୀରେ ଶନିବାର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧା ଷ୍ଟାଡିୟମରେ ଖୋର୍ଦ୍ଧା ମହୋତ୍ସବ ହେଉଥିବାରୁ ଖେଳାଳିମାନଙ୍କର ଅସୁବିଧା ହେଉଛି। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ କରିବାକୁ ବରିଷ୍ଠ ନାଗରିକଙ୍କ ସହ ଅନ୍ୟମାନେ ବି ଆସୁଛନ୍ତି। ଏମାନଙ୍କର ଅସୁବିଧାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି। ମହୋତ୍ସବକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ ବୋଲି ଜିଲାପାଳଙ୍କ ନିକଟରେ ଖେଳାଳିମାନେ ଫେରାଦ୍ ହୋଇଛନ୍ତି। ତେବେ ମହୋତ୍ସବ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏଭଳିସ୍ଥଳେ ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପୃଷ୍ଟି କୁହନ୍ତି, ପ୍ରାୟ ୨୦ବର୍ଷ ହେଲା ଖୋର୍ଦ୍ଧା ମହୋତ୍ସବ ଖୋର୍ଦ୍ଧା ଷ୍ଟାଡିୟମରେ କରାଯାଉଛି। ଖୋର୍ଦ୍ଧା ଷ୍ଟାଡିୟମ କେତେଜଣ ଲୋକଙ୍କ କବ୍‌ଜାରେ ଥିଲା। ମହୋତ୍ସବ ଖୋର୍ଦ୍ଧା ଷ୍ଟାଡିୟମରେ କରାଇବାକୁ ୬୦ ହଜାର ଟଙ୍କା ନେଉଥିଲେ ହେଁ ଷ୍ଟାଡିୟମର ବିକାଶ କରୁ ନ ଥିଲେ। ୨୦୧୮ ଡିସେମ୍ବରରୁ ଖୋର୍ଦ୍ଧା ଷ୍ଟାଡିୟମକୁ ଜିଲା ପ୍ରଶାସନ ହାତକୁ ନେଇଛି। ପ୍ରଶାସନ ନେବା ପରେ ସରକାରୀ ସ୍ତରରେ ଖୋର୍ଦ୍ଧା ଷ୍ଟାଡିୟମ ପାଇଁ ଅର୍ଥଡିପୋଜିଟ୍ କରାଯାଉଛି। ପ୍ରତିବର୍ଷ ଟଙ୍କା ପାଉଥିବା ବ୍ୟକ୍ତିବିଶେଷ କେତେଜଣ ଲୋକଙ୍କୁ ଧରାଧରି କରି ଖୋର୍ଦ୍ଧା ଷ୍ଟାଡିୟମରେ ମହୋତ୍ସବ ନ କରିବାକୁ ଗୋଟି ଚାଳନା କରୁଛନ୍ତି।

# ଦୁର୍ବୃତ୍ତ ଜାଳିଦେଲେ ସଭାନେତ୍ରୀଙ୍କ ଧାନଗଦା
### ମଦ କାରବାରକୁ ବିରୋଧର ପ୍ରତିଶୋଧ, ଥାନାରେ ଅଭିଯୋଗ

**ବେଗୁନିଆ,୧୪।୧୨(ଡି.ଏନ.ଏ.):** ସମାଜର ମଙ୍ଗଳ କରିବାକୁ ଯାଇ ଜଣେ ମହିଳା ସଭାନେତ୍ରୀ ଦୁର୍ବୃତ୍ତଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ବେଆଇନ ମଦ କାରବାର ବିରୋଧରେ ସ୍ୱର ଉଠାଉଥିବାରୁ ତାଙ୍କ ଧାନ ଗଦାରେ ଅସାମାଜିକ ବ୍ୟକ୍ତିମାନେ ଯୋଜନା ବଦ୍ଧ ଭାବେ ନିଆଁ ଲଗାଇ ଦେଇଥିବା ଆଶଙ୍କା କରି ଶନିବାର ଥାନାରେ ଅଭିଯୋଗ କରାଯାଇଛି। ବେଗୁନିଆ ଥାନା ଅଧୀନ କଣ୍ଟାବାଡ ଗାଁର ସୁମିତ୍ରା ପାଣିଗ୍ରାହୀଙ୍କ ଜମିରୁ ଧାନ ଫସଲ କଟା ଯାଇ ଖଳାରେ କଳେଇ ଗଦା କରି ରଖିଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ତାଙ୍କ କଳେଇ ଗଦାରେ ନିଆଁ ସଂଯୋଗ କରି ଦେଇଥିବାର ଆଶଙ୍କା କରାଯାଉଛି। କ୍ଷତି ହୋଇଥିବା ଧାନର ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଥାନାରେ ହୋଇଥିବା ଅଭିଯୋଗ ମୁତାବକ କଣ୍ଟାବାଡ ପଞ୍ଚାୟତ ଅଞ୍ଚଳରେ ଦୀର୍ଘବର୍ଷ ହେଲା ବେଆଇନ ଭାବେ ମଦ କାରବାର ବୃଦ୍ଧି ପାଇଥିଲା। କିଛି ମାସ ହେଲା ସ୍ଥାନୀୟ ଅଞ୍ଚଳର ବହୁ ମହିଳା ମଣ୍ଡଳର ସଦସ୍ୟମାନେ ଏକତ୍ରିତ ହୋଇ କାରବାରକୁ ରୋକିବାକୁ ପ୍ରାୟତଃ ସଫଳ ହୋଇଥିଲେ। ଏମିତି କି ସନ୍ଧ୍ୟା ହେଲେ ହାତରେ ଠେଙ୍ଗା ଓ ଟର୍ଚ୍ଚ ଧରି ଅସାମାଜିକ ମଦ ବ୍ୟବସାୟୀଙ୍କୁ ସାବାଡ ପାଇଁ ରାତି ଉଜାଗର ରହି ଆସୁଛନ୍ତି। ଏହି ମହିଳାମାନଙ୍କର ନେତୃତ୍ୱ ନେଉଥିବା ସଭାନେତ୍ରୀ ସୁମିତ୍ରା ବାରମ୍ବାର ଅସାମାଜିକ ବ୍ୟବସାୟୀଙ୍କ ଆକ୍ରୋଶର ଶିକାର ହୋଇ ଆସୁଛନ୍ତି। ସୁମିତ୍ରା ଅନେକାଂଶରେ ଗାଳିଗୁଲଜ ଖାଇବା ସହ ମରଣାନ୍ତକ ଆକ୍ରମଣରୁ ବର୍ତ୍ତି ଯାଇଥିଲେ। ତେବେ ତାଙ୍କର ଜୀବନ ପ୍ରତି ବିପଦ ରହିଛି। ଏଥିସହ ତାଙ୍କୁ ମାରିଦେବାକୁ ଧମକ ଦିଆଯାଇଛି। ତାଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ପ୍ରକୃତ ତଦନ୍ତ କରି ଦୋଷୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦିଆଯାଉ ବୋଲି ଥାନା ଅଧିକାରୀଙ୍କୁ ସୁମିତ୍ରା ଲିଖିତ ଭାବେ ଅବଗତ କରାଇଛନ୍ତି।

### ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ
## କିଶୋର କ୍ଲବ ଫାଇନାଲରେ

**ଯାଁଲା,୧୪।୧୨(ଡି.ଏନ.ଏ.):** ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ଦ୍ୱିତୀୟ ସେମି ଫାଇନାଲରେ କୁଜଙ୍ଗ ଆଥ୍‌ଲେଟିକ୍ ଆସୋସିଏଶନ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି ଭୁବନେଶ୍ୱର କିଶୋର କ୍ଲବ ଫାଇନାଲରେ ପ୍ରବେଶ କରିଛି। କିଶୋର କ୍ଲବର ଅଭିଜିତ୍ ମଲ୍ଲିକ ଖେଳର ୪୦ ମିନିଟ୍‌ରେ ଗୋଲ କରିଥିଲେ। କୁଜଙ୍ଗ ଆଥଲେଟିକ୍ ଆସୋସିଏଶନ୍‌ର ଦେବ ସାମଲ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁଜିତ୍ ପାତ୍ର ରେଫ୍‌ରି ରହିଥିବା ବେଳେ ପ୍ରଦୀପ୍ତ ନାୟକ ଓ ରମେଶ ଚନ୍ଦ୍ର ପାଇକରାୟ ଲାଇନ୍‌ରେ ସହାୟତା କରିଥିଲେ। ସାମାଜିକ କର୍ମୀ ପ୍ରମୋଦ ହରିଚନ୍ଦନ, ଜିଲା କ୍ରୀଡା ଅଧିକାରୀ ଲଳିତ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ରବିବାର କଟକ ସ୍ପୋର୍ଟସ୍ ହଷ୍ଟେଲ ଓ କିଶୋର କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# ବାଣପୁର ବ୍ଲକ୍ 'ଓଷ୍ଟା'ର ଶିଶୁ ଉତ୍ସବ

**ଚିଲିକା,୧୪।୧୨(ଡି.ଏନ୍.ଏ.)**

ବାଣପୁର ବ୍ଲକ୍ ଓଷ୍ଟା ପକ୍ଷରୁ ଶନିବାର ଗମ୍ଭାରିମୁଣ୍ଡା ପତିତପାବନ ନୋଡ଼ାଲ ବାଣୀମନ୍ଦିର ପରିସରରେ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିନାଥ ହୋତା ପୌରୋହିତ୍ୟ କରିଥିଲେ। ଜିଲା ଓଷ୍ଟାର ସମ୍ପାଦକ ସୁଧାକର ମହାପାତ୍ର ମୁଖ୍ୟଅତିଥି, ନାଟ୍ୟକାର ନିର୍ଦ୍ଦେଶକ ଡା. ସୁରେନ୍ଦ୍ରନାଥ ଦାଶ ମୁଖ୍ୟବକ୍ତା ଓ ଓଷ୍ଟାର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶିଶିର କୁମାର ଦାସ, ଚିଲିକା ବ୍ଲକ୍ ସମ୍ପାଦକ ଆଶିଷ ପତି, ବାଣପୁର ବ୍ଲକ୍ ସମ୍ପାଦକ ଜାନକୀ ବଲ୍ଲଭ ବିଶ୍ୱାଳ, ଶିଶୁ ସାହିତ୍ୟିକ ଭିକାରୀ ଚରଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଗୌରହରି ଦଳବେହେରା, ଦୁର୍ଗାପ୍ରସାଦ ମହାରଣା, ପ୍ରଦୀପ କୁମାର ଦାଶଙ୍କୁ ଓଷ୍ଟା ପକ୍ଷରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଜିଲାସ୍ତରକୁ ଉନ୍ନୀତ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଥିଲା ।



ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ରମାନେ ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଆତ୍ମରକ୍ଷା ପ୍ରଶିକ୍ଷଣ ସହିତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଉଛି।

**ନିରାକାରପୁର,୧୪।୧୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଠାରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଅନୁଷ୍ଠିତ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ମାସ ଦୁଇ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ମହାବିଦ୍ୟାଳୟର ଛାତ୍ରୀ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଲାଭ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅଶୋକ ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଶିବିରର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଅଧ୍ୟାପିକା ସୋନାଲି ପଟ୍ଟନାୟକ, ରଶ୍ମିରେଖା ମହାନ୍ତି ୧୩ ଦିନିଆ ଶିବିରର ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ କଲେଜର ଉପାଧ୍ୟକ୍ଷ ଡ. ଅଜିତ ରଥ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପକ ପ୍ରଭାତ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ପ୍ରଧାପକ ଅଜୟ ପଟ୍ଟନାୟକ ଯୋଗଦେଇଥିଲେ। ପ୍ରଶିକ୍ଷଣରେ ଭାଗନେଇଥିବା ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

### ବେଗୁନିଆ ଥାନା :ବଢୁଛି ଅଭିନବ ଢଙ୍ଗରେ ଲୁଟ୍
# ଟାର୍ଗେଟ ଗୃହପାଳିତ ପଶୁ

**ବେଗୁନିଆ,୧୪।୧୨(ଡି.ଏନ.ଏ.)**

ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଥାନା ଇଲାକାରେ ଏବେ ଲୁଟେରାମାନେ ଲୁଟ୍ କରିବାର ଅଭିନବ ଉପାୟ ଆପଣେଇଛନ୍ତି। ଦିନରେ ଗାଁକୁ ଲୁଟେରାମାନେ ଆସି ବିଭିନ୍ନ ସ୍ଥାନରେ କ'ଣ ଅଛି ଦେଖିକି ଯାଉଛନ୍ତି। ସନ୍ଧ୍ୟା ହେଲେ ସେମାନେ ସେମାନଙ୍କ ଯୋଜନା ମୁତାବକ ଲୁଟ ଆରମ୍ଭ କରି ଦେଉଛନ୍ତି। ଫଳରେ ଗ୍ରାମାଞ୍ଚଳର ଗରିବ ଲୋକେ ଏହି ଲୁଟ୍‌ର ଶିକାର ହେଉଛନ୍ତି। କେତେବେଳେ ନିର୍ଦ୍ଦିଷ୍ଟ ଗୋଟିଏ ଗାଁର ୫ରୁ ୬ ଘରୁ ବିଭିନ୍ନ ଦାମୀ ଅଳଙ୍କାର, ଉପକରଣ ସହ ଟଙ୍କା ଲୁଟି ନେଉଛନ୍ତି। ଏଥିସହ କିଛିଦିନ ହେଲା ଗୃହପାଳିତ ପଶୁ ଛେଳିଙ୍କୁ ଟାର୍ଗେଟ କରି ଲୁଟପାଟ ଚଳାଇଛନ୍ତି। ଜୁଲାଇରୁ ଏ ପର୍ଯ୍ୟନ୍ତ ପ୍ରାୟ ୪୫ ଛୋଟବଡ ଲୁଟ୍ ହେଲାଣି। ଏଥିମଧ୍ୟରୁ କେତେକ ଲୁଟ୍‌ର ଅଭିଯୋଗ ଥାନାରେ ହୋଇଛି। ଆଉ କେତେଗୋଟି ଅଭିଯୋଗ ପରେ କୌଣସି ସୁଫଳ ମିଳିନାହିଁ। ଫଳରେ ଅଭିଯୋଗକାରୀ ପୋଲିସ ଉପରୁ ଆସ୍ଥା ତୁଟାଇ ଥାନାକୁ ଆସି ଆଉ ଅଭିଯୋଗ କରୁନାହାନ୍ତି।

ଚଳିତବର୍ଷ ମଦ, ଖଣି ବ୍ୟବସାୟୀମାନଙ୍କ ଦୌରାତ୍ମ୍ୟ ଦେଖାଦେଇଥିଲା। ଏଥିସହ ହତ୍ୟା, ବଳାତ୍କାର, ଆତ୍ମହତ୍ୟା, ଜାତୀୟ ରାଜପଥ ଉପରେ ଲୁଟ୍, ରାହାଜାନି ଆଦି ବୃଦ୍ଧି ପାଇଥିଲା। ଏହାକୁ ରୋକିବାରେ ଥାନା ଅଧିକାରୀ ଏବଂ ସବ୍‌ଇନ୍ସପେକ୍ଟରଙ୍କ ସହ କେତେଜଣ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ଗତ ସେପ୍ଟେମ୍ବର ଏବଂ ଅକ୍ଟୋବରରେ ପାଟ୍ରୋଲିଂ କଡାକଡି ସହ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଥିଲା। ପରେ ଲୁଟେରାଙ୍କ ଆତଙ୍କ ଟିକେ ଥମିଥିଲା। ଏବେ ପୋଲିସ କୋହଳ ହେବାରୁ ଲୁଟେରାମାନେ ଅଭିନବ ଲୁଟ୍ ଆରମ୍ଭ କଲେଣି। ଗତ ୨ ମାସରେ ଲକ୍ଷାଧିକ ଟଙ୍କା ଲୁଟ୍ କରିଛନ୍ତି। ମାଣିବନ୍ଧ ଆଦିବାସୀ ସାହିରୁ ଜଣେ ଛେଳି ପାଳୁଥିବା ବ୍ୟକ୍ତିଙ୍କ ଗୁହାଳରୁ ଛୋଟ ବଡ ୬୨ ଛେଳି ମିନିଟ୍ରକ୍‌ରେ ଲୁଟେରାମାନେ ଜବରଦସ୍ତ ନେଇ ପଳାଇଥିଲେ। ସେହିପରି କଣ୍ଟାବାଡ ଗ୍ରାମ ଆଦିବାସୀ ସାହରି ଜଣେ ବ୍ୟକ୍ତିଙ୍କ ଗୁହାଳରୁ ୩୫ ଛେଳି ଚୋରି କରି ନେଇ ଯାଇଥିଲେ। କୋଦୋବେରେଣି, ଠଣାପଲ୍ଲୀ, ମଲ୍ଲୀପଦର, ଗୋବିନ୍ଦପୁର, କୋହ୍ଲୁଆପାଟଣା, ଗୋଡିଆପଲ୍ଲୀ, ତଣ୍ଡାଳ ଆଦି କେତେକ ଗାଁର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଘରୁ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଲୁଟ୍ କରି ସାରିଲେଣି। ସେହିପରି ଲୁଟେରାମାନେ ଗ୍ରାମାଞ୍ଚଳର ଦୋକାନକୁ ଜିନିଷ କିଣିବା ବାହାନାରେ ଆସୁଛନ୍ତି। ଦୋକାନୀଙ୍କୁ ବିଭିନ୍ନ ପ୍ରକାରର ଜିନିଷ ମାଗୁଛନ୍ତି। ଦୋକାନୀ ଜଣକ ସମସ୍ତ ଜିନିଷ ଦୋକାନରୁ କାଢି ମିଳାଇ ଦେବା ସମୟରେ ବ୍ୟସ୍ତ ରହୁଥିବାର ଦେଖି ଟଙ୍କା ବାକ୍ସ, ନଚେତ ଦାମୀ ଜିନିଷ ଆଗ ପାର୍ଶ୍ୱରେ ଥିବା ସାମଗ୍ରୀ ଲୁଟି ନେଇ ପଳାଉଛନ୍ତି। ତେବେ ଏଭଳି ଲୁଟ୍ ରୋକିବାକୁ ପୋଲିସ ପକ୍ଷରୁ ବ୍ୟାପକ ପାଟ୍ରୋଲିଂ କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଆଇଆଇସି ରଶ୍ମି ରଞ୍ଜନ ସାହୁଙ୍କୁ ପଚାରିବାରେ ଅଭିଯୋଗ ପରେ ତଦନ୍ତ ଜାରି ରହିଛି। ଲୁଟେରାମାନଙ୍କୁ କାବୁ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ସେ କହିଛନ୍ତି।



ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଡା. ଅଭୟ ମିଶ୍ର ସ୍ମାରକୀ କୁଇଜ ପ୍ରତିଯୋଗିତା

ସାକ୍ଷୀଗୋପାଳ, ୧୪।୧୨( ଡି.ଏନ୍.ଏ.): ଡା. ଅଭୟ ମିଶ୍ର ସ୍ମୃତି କମିଟି ପକ୍ଷରୁ ହେବାକୁଥିବା ଷଷ୍ଠ ବାର୍ଷିକ ଉତ୍ସବ ଉପଲକ୍ଷେ ଶନିବାର ନୂଆସନ୍ଥ ହାଇସ୍କୁଲରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆଖପାଖ ୧୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ମାଝି, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଜେନା ଓ ଦୁର୍ଯ୍ୟୋଧନ ପ୍ରଧାନ ଯୋଗଦେଇଥିଲେ। କୁଇଜ ମାଷ୍ଟର ଚିତ୍ରସେନ ପ୍ରଧାନ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଭିନ୍ନ ବର୍ଗରେ ଶ୍ରୀୟା ରାଉତ, ଲିପ୍ସା ପ୍ରିୟଦର୍ଶିନୀ ଜେନା, ବୈଶାଖୀ ପ୍ରଧାନ ଓ ମଧୁସ୍ମିତା ବିଶ୍ୱାଳ ପ୍ରମୁଖ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଗାମୀ ବାର୍ଷିକ ଉତ୍ସବରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ସ୍ମାରକୀ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯିବ।

### ବ୍ୟବସାୟୀଙ୍କୁ ଆକ୍ରମଣ କରି ଲୁଟ୍ ଉଦ୍ୟମ

ସାକ୍ଷୀଗୋପାଳ, ୧୪।୧୨(ଡି.ଏନ୍.ଏ.): ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ପ୍ରଶାନ୍ତ କୁମାର ମିଶ୍ର ନାମକ ଜଣେ ବ୍ୟବସାୟୀଙ୍କୁ ଦୁଇଜଣ ଦୁର୍ବୃତ୍ତ ଆକ୍ରମଣ କରି ତାଙ୍କଠାରୁ ଟଙ୍କାଲୁଟ୍ ଉଦ୍ୟମ କରିଥିବା ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି। ପ୍ରଶାନ୍ତ ଗୋଖାଦ୍ୟ ଦୋକାନ ବନ୍ଦକରି ରାତି ସାଢ଼େ ୧୧ଟାରେ ଘରକୁ ଯିବା ସମୟରେ ଗ୍ରାମ ରାସ୍ତାର ପଟାଶଙ୍ଖ ଠାରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଜୀବନରେ ମାରିଦେବାକୁ କଟୁରିରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ କାନ, ମୁଣ୍ଡ ଓ କାନ୍ଧରେ ଗଭୀର ଆଘାତ ଲାଗିଥିଲା। ଅଳ୍ପ ଦୂରରେ ଯାଉଥିବା ତାଙ୍କ ଗ୍ରାମର ଅନ୍ୟଜଣେ ବ୍ୟକ୍ତି ସେଠାରେ ପହଞ୍ଚିବାରୁ ଟଙ୍କାଲୁଟି ନେବାକୁ ଉଦ୍ୟମ କରୁଥିବା ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଆହତ ଅବସ୍ଥାରେ ପ୍ରଶାନ୍ତଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସତ୍ୟବାଦୀ ଥାନାରେ ଏ ସଂକ୍ରାନ୍ତରେ ନଂ୨୫୧/ ୧୯ରେ ଏକ ମାମଲା ରୁଜୁ କରାଯାଇଛି। ଏଥିପୂର୍ବରୁ ତାଙ୍କଠାରୁ ସେହି ସ୍ଥାନରେ ଅନୁରୂପ ଭାବ ଲୁଟ୍ ଉଦ୍ୟମ କରାଯାଇଥିବା ସେ ପୋଲିସକୁ କହିଛନ୍ତି।

### ସମ୍ବର୍ଦ୍ଧନା ସମାରୋହ

ପୁରୀ ଅଫିସ, ୧୪।୧୨: ହ୍ୟୁମାନ୍ ୱେଲଫେୟାର ବୋର୍ଡ (ଏଚ୍ଡବ୍ଲ୍ୟୁବି) ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଏକ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ ଏକାଡେମୀର ସଭାପତି ହରିହର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାଷାବିତ୍ କୈଳାସ ଟିକାୟତରାୟ, ସମ୍ମାନିତ ଅତିଥି ଭାବେ ମେଜର ଜେନେରାଲ ସୌମେନ୍ଦ୍ରଦେବ ମହାନ୍ତି ଓ ସୁଜିତ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ମୁଖ୍ୟ ଶାରଦା ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମୋଦି, ଶାହାଙ୍କ ଫଟୋଚିତ୍ର ପୋଡ଼ିଲେ

ପୁରୀ ଅଫିସ, ୧୪।୧୨: ପୁରୀ ଜିଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଶନିବାର ଇନ୍ଦିରା ଭବନ ସମ୍ମୁଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀଙ୍କ ଫଟୋଚିତ୍ର ପୋଡ଼ାଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ରେପ୍ ଇନ୍ ଇଣ୍ଡିଆ ମନ୍ତବ୍ୟକୁ ନେଇ ଭାଜପା ପକ୍ଷରୁ ଯେଉଁ ଆଭିମୁଖ୍ୟ ରହିଛି ତାହାକୁ ବିରୋଧ କରି ଏହି ଫଟୋଚିତ୍ର ପୋଡ଼ାଯାଇଛି। ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ପ୍ରତିଦିନ ଦେଶରେ ପ୍ରତି ୧ ଘଣ୍ଟାରେ ୩୪ରୁ ୪୦ଟି ବଳାତ୍କାର ମାମଲା ରୁଜୁ ହେଉଛି। ବଳାତ୍କାର ଘଟଣା ବଢ଼ିଚାଲିଛି। ଲୋକେ ନ୍ୟାୟ ମାଗିଲେ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ଦଳ ଚୁପ୍ ରହୁଛନ୍ତି। ଏପରି କି ୨୦୧୩ ମସିହାରେ ୟୁପିଏ ସରକାର ସମୟରେ ମୋଦି ଦିଲ୍ଲୀକୁ ରେପ୍ କ୍ୟାପିଟାଲ ବୋଲି କହିଥିଲେ। ପ୍ରଥମେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ମନ୍ତବ୍ୟ ପାଇଁ ଭୁଲ୍ ମାଗିବା ଦରକାର। ଯୁବ କଂଗ୍ରେସ ନେତା ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ବିଧାନସଭା ଛାତ୍ର ସଭାପତି ଅନିଲ ପ୍ରଧାନ, ରାଜୀବ ଗାନ୍ଧୀ ଫୋରମ ଜିଲା ସଭାପତି ଦେବାଶିଷ ଦଇତାପତି, ଯୁବନେତା ମନୋଜ ମଣ୍ଡଳ, ଆଦିତ୍ୟ କୁମାର, ସସ୍ମିତା ବେହେରା, ସନତ ରଥୋ଼ଲା, ଆୟୁଷ ଦାଶ, ରୁଦ୍ରପ୍ରତାପ ଦାଶ, ପ୍ରିୟତୋଷ ଛାଟୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ଖାଦ୍ୟ ନ ପାଇ ଘରେ ପଶୁଛନ୍ତି ମାଙ୍କଡ଼

- ସ୍ୱଚ୍ଛତା ଅଭିଯାନର ପ୍ରଭାବ
- ଉପକଣ୍ଠମୁହାଁ ହେଲେଣି କୁକୁର

ପୁରୀ ଅଫିସ,୧୪।୧୨:



ସ୍ୱଚ୍ଛ ହେବ ସହର। ସୁସ୍ଥ ରହିବ ପରିବେଶ। ଏମିତି ଲକ୍ଷ୍ୟ ନେଇ ପର୍ଯ୍ୟଟନ ସହର ପୁରୀରେ ଆରମ୍ଭ ହୋଇଛି ସ୍ୱଚ୍ଛ ପରିମଳ ଅଭିଯାନ। ସହରର ଗଳିକନ୍ଦିଠୁ ଆରମ୍ଭ କରି ପ୍ରମୁଖ ରାସ୍ତାରେ ଯେମିତି ଆବର୍ଜନା ନ ପଡ଼େ ସେଥିଲାଗି ପଦକ୍ଷେପ ନେଇଛି ପୁରୀ ପୌର ସଂସ୍ଥା। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଏହି ସ୍ୱଚ୍ଛତା ଅଭିଯାନର ପ୍ରଭାବ ସହରର ମାଙ୍କଡ଼ ଓ ବୁଲା କୁକୁରଙ୍କ ଉପରେ ପଡ଼ିଛି। ଏମାନେ ଆଉ ଖାଇବାକୁ ପାଉନାହାନ୍ତି। ଫଳରେ ମାଙ୍କଡ଼ ଘର ଭିତରେ ପଶିବା ଆରମ୍ଭ କଲେଣି। ଖାଦ୍ୟ ଅନ୍ୱେଷଣ ଲାଗି ମାଙ୍କଡ଼ ଓ କୁକୁର ଏବେ ସହର ଛାଡ଼ି ଉପକଣ୍ଠମୁହାଁ ହୋଇଥିବା କୁହାଯାଉଛି। ସ୍ୱଚ୍ଛତା ଅଭିଯାନକୁ ସମର୍ଥନ କରୁଥିଲେ ମଧ ମାଙ୍କଡ଼, କୁକୁର ଓ ବିଭିନ୍ନ ପକ୍ଷୀଙ୍କ ଖାଇବା ବ୍ୟବସ୍ଥା କରାଯିବା ଦରକାର ବୋଲି ମତ ଦେଇଛନ୍ତି ପଶୁପକ୍ଷୀପ୍ରେମୀ।

ପୁରୀ ସହରକୁ ସ୍ୱଚ୍ଛ ରଖିବା ଲାଗି ପୌରସଂସ୍ଥା ପକ୍ଷରୁ ଏକାଧିକ ପଦକ୍ଷେପ ନିଆଯାଇଛି। ପୌରାଞ୍ଚଳରେ କେହି ବାହାରେ ଅଳିଆ ପକାଇବେ ନାହିଁ। ଏଥିଲାଗି ୩୦ଟି ସ୍ୱଚ୍ଛ ସବାରୀ ଗାଡ଼ି ସକାଳୁ ସହରର ପ୍ରତ୍ୟେକ ସାହିଗଳିକୁ ଯାଇ ଆବର୍ଜନା ସଂଗ୍ରହ କରୁଛି। ଏଥିପାଇଁ ସ୍ୱଚ୍ଛ ସାଥୀମାନଙ୍କୁ ନିୟୋଜିତ କରାଯାଇଛି। ସେମାନେ ଘର ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ସେହିପରି ହୋଟେଲ, କଲ୍ୟାଣ ମଣ୍ଡପ, ବ୍ୟବସାୟ ପ୍ରତିଷ୍ଠାନରୁ ମଧ୍ୟ ଆବର୍ଜନା ସଂଗ୍ରହ କରାଯାଉଛି। ଭୋଜି ପରେ ଆୟୋଜକମାନେ ଯେପରି ବଳକା ଖାଦ୍ୟ କିମ୍ବା ଅଳିଆ ବାହାରେ ନ ପକାଇବେ ସେଥିଲାଗି ଜରିମାନା ବ୍ୟବସ୍ଥା ରହିଛି। ଏଥିଯୋଗୁ ଆଉ ପ୍ରାୟ କେହି ବାହାରେ ଅଳିଆ ପକାଉ ନାହାନ୍ତି। ସେହିପରି ପୂର୍ବରୁ ଘର ଆଗରେ କିମ୍ବା ଡଷ୍ଟବିନରେ ଲୋକେ ଆବର୍ଜନା ପକାଉଥିଲେ। ରାତି କିମ୍ବା ଭୋରୁ ମାଙ୍କଡ଼, କୁକୁର ଏବଂ ବିଭିନ୍ନ ପଶୁପକ୍ଷୀ ସେଥିରୁ ଖାଦ୍ୟ ସଂଗ୍ରହ କରୁଥିଲେ। ପୁରୀ ସହରରେ ହଜାର ହଜାର ମାଙ୍କଡ଼ ବାହାରେ ପଡୁଥିବା ଆବର୍ଜନାରୁ ଖାଦ୍ୟ ପାଇଥାନ୍ତି। ପ୍ରାୟ ୨ମାସ ହେବ ଏମାନଙ୍କୁ ଆଉ ଖାଦ୍ୟ ମିଳୁନାହିଁ। ଫଳରେ ମାଙ୍କଡ଼, କୁକୁର ଭୋକରେ ଆଉଟୁ ପାଉଟୁ ହେଉଥିବା ଦେଖିବାକୁ ମିଳୁଛି। ଏମିତି କି ଖାଦ୍ୟ ଆଶାରେ ମାଙ୍କଡ଼ ଘରେ ପଶିବା ଆରମ୍ଭ କରିଦେଲେଣି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ଗୋ ସେବା ସଂସ୍ଥାନର ସମ୍ପାଦକ ଗୋବିନ୍ଦ ପ୍ରସାଦ ମହାନ୍ତି କହିଛନ୍ତି, ମାଙ୍କଡ଼ ଓ ବିଭିନ୍ନ ପକ୍ଷୀ ଫଳମୂଳ ଖାଇ ରହୁଥିଲେ। ବାତ୍ୟାରେ ଜିଲାରେ ବହୁ ଗଛ ଭାଙ୍ଗିଗଲା। ଏବେ ଆବର୍ଜନା ବାହାରେ ପକାଯିବା ବନ୍ଦ ହେଲା। ପରିବେଶକୁ ସ୍ୱଚ୍ଛ ରଖିବା ଠିକ୍ ଅଛି, କିନ୍ତୁ ମାଙ୍କଡ଼, କୁକୁର, ବିଭିନ୍ନ ପକ୍ଷୀଙ୍କ ପାଇଁ ଖାଦ୍ୟ ସଙ୍କଟ ବଢ଼ିଲା। ଏମାନେ ଖାଦ୍ୟ ନ ପାଇ ଏବେ ସହର ଉପକଣ୍ଠମୁହାଁ ହେଉଛନ୍ତି। ତେଣୁ ପ୍ରଶାସନ ଏମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରିବା ଦରକାର। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ଏ ଦିଗରେ ଉଦ୍ୟମ କରିବା ଜରୁରୀ ହୋଇପଡ଼ିଛି। ସରୋଜ କୁମାର ବେହେରା କହିଛନ୍ତି, ସହରର ରାସ୍ତାଘାଟ ସ୍ୱଚ୍ଛ ରହିବା ଦିଗରେ ପ୍ରଶାସନର ଏହା ଉଚିତ ପଦକ୍ଷେପ। କିନ୍ତୁ ଆମକୁ ପଶୁ, ପକ୍ଷୀଙ୍କ କଥା ବି ଚିନ୍ତା କରିବାକୁ ପଡ଼ିବ। ଯଦି ପ୍ରତ୍ୟେକ ବ୍ୟକ୍ତି ଛାତ ଉପରେ କୌଣସି ପାତ୍ରରେ ଖାଦ୍ୟପଦାର୍ଥ ରଖନ୍ତେ ତେବେ ମାଙ୍କଡ଼ ଓ ବିଭିନ୍ନ ପକ୍ଷୀ ଏହାକୁ ଖାଇପାରନ୍ତେ। କିଛିଦିନ ନିର୍ଦ୍ଦିଷ୍ଟ ସ୍ଥାନରୁ ଖାଦ୍ୟ ପାଇଲେ ସେମାନେ ନିୟମିତ ଆସିବେ। ଧୀରେ ଧୀରେ ଏମାନଙ୍କ ସଂଖ୍ୟା ବି ବଢ଼ିବ।

# ମାଛଧରାକୁ କେନ୍ଦ୍ରକରି ବିବାଦ: ୨ ଘଣ୍ଟା ରାସ୍ତାରୋକୋ

ଡେଲାଙ୍ଗ, ୧୪।୧୨(ଡି.ଏନ୍.ଏ.)

ଡେଲାଙ୍ଗ-କଣାସ ରାସ୍ତାର ମୁନିନ୍ଦା ଛକଠାରେ ଶନିବାର ମାଛ ଧରାକୁ କେନ୍ଦ୍ରକରି ଗଣ୍ଡଗୋଳ ହେବାପରେ ୨ଘଣ୍ଟା ଧରି ରାସ୍ତାରୋକୋ ହୋଇଥିଲା। ମୁନିନ୍ଦା ଗ୍ରାମବାସୀ ଲୁଣାନଦୀର ଡାକପଡ଼ାଠାରୁ ଚାନ୍ଦୋଳ ପର୍ଯ୍ୟନ୍ତ ମାଛ ଧରିବା ପାଇଁ ଲିଜ୍ ନେଇଥିଲେ। ଶନିବାର ଗାଁର କେତେଜଣ ମାଛ ଧରୁଥିବାବେଳେ ବେନୁପଡା ଗ୍ରାମର କେତେକ ଲୋକ ସେଠାରେ ପହଞ୍ଚି ସେମାନଙ୍କୁ ବାରଣ କରିବା ସହ ଜୋର ଜବରଦସ୍ତ ମାଛ ଧରିଥିଲେ। ଫଳରେ ସେଠାରେ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହା ପରେ ମୁନିନ୍ଦା ଗ୍ରାମବାସୀ ଏକତ୍ର ହୋଇ ଡେଲାଙ୍ଗ-କଣାସ ରାସ୍ତାର ମୁନିନ୍ଦା ଛକଠାରେ ଟାୟାରଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହିଥିଲା। ଖବର ପାଇ ଡେଲାଙ୍ଗ ଥାନା ଏସ୍ଆଇ ଉପେନ୍ଦ୍ରନାଥ ଦାଶ ଓ ଡେଲାଙ୍ଗ ତହସିଲଦାର ରାଜେନ୍ଦ୍ର କୁମାର ଆଚାରିଆ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାରୁ ଅବରୋଧ ହଟିଥିଲା।



ମୁନିନ୍ଦା ଛକଠାରେ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

- ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ କର୍ମଶାଳା ଉଦ୍ଯାପିତ

# ମହାପ୍ରଭୁଙ୍କ ସେବା, ଯାନିଯାତ୍ରା ଜାଣିଲେ ପ୍ରତିଷ୍ଠାନ ସଦସ୍ୟ

ପୁରୀ ଅଫିସ, ୧୪।୧୨:





କର୍ମଶାଳାରେ ଯୋଗଦେଇଥିବା ଅତିଥି।

ସ୍ଥାନୀୟ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦ୍ୱିଦିବସୀୟ କାର୍ଯ୍ୟକର୍ତ୍ତା କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶନିବାର ଉଦ୍ଯାପିତ ହୋଇଯାଇଛି। ପ୍ରଥମେ ଶ୍ରୀମନ୍ଦିରର ପ୍ରମୁଖ ସେବକ ମହାପ୍ରଭୁଙ୍କ ସେବା ଓ ଦୈନନ୍ଦିନ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଡ. ନରେଶ ଚନ୍ଦ୍ର ଦାଶ ମହାପ୍ରଭୁଙ୍କ ଯାନିଯାତ୍ରା ଓ ରାମଚନ୍ଦ୍ର ଦାସମହାପାତ୍ର ମହାପ୍ରଭୁଙ୍କ ସାମୟିକ ନୀତି, ବିଶେଷ ନୀତି ଓ ନବକଳେବର ସମ୍ବନ୍ଧରେ କହିଥିଲେ। ଡ. ଭାସ୍କର ମିଶ୍ର ଲୀଳାକ୍ଷେତ୍ର ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଶ୍ରୀମହାପ୍ରସାଦ ମାହାତ୍ମ୍ୟ ସମ୍ପର୍କରେ ରବୀନ୍ଦ୍ରନାଥ ପ୍ରତିହାରୀ, ରୋଷ ପରିଚାଳନା ସମ୍ପର୍କରେ ହରେକୃଷ୍ଣ ପ୍ରତିହାରୀ ଓ ପ୍ରଚଳିତ ଭୋଗ ବ୍ୟବସ୍ଥା ନେଇ ବିଶ୍ୱନାଥ ସାମନ୍ତରା ବକ୍ତବ୍ୟ ରଖିଥିଲେ। ବୈଠକ ପରେ ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କ ସଭାପତିତ୍ୱରେ ଉଦ୍ଯାପନୀ ସଭା ହୋଇଥିଲା। ଡ. ଜନ୍ମେଜୟ ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟ, ବିହାରର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି, ମହନ୍ତ ରାମକୃଷ୍ଣ ଦାସ ମହାରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ମଶାଳାରେ ଯୋଗଦେଇଥିବା ସଭ୍ୟମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ। ରୂପଶ୍ରୀ ମହାପାତ୍ରଙ୍କ ଦ୍ୱାରା ପାରମ୍ପରିକ ମାହାରୀ ନୃତ୍ୟ ପରିବେଷଣ କରାଯାଇଥିଲା। ରବିବାର ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ।

## ପାଲାଗାୟକ ସମ୍ମିଳନୀ

କଣାସ, ୧୪।୧୨(ସ୍ୱ.ପ୍ର.)

ଗଡ଼ିଶାଗୋଦା ଗ୍ରାମର ପଲ୍ଲୀପଲ୍ଲବ ସାହିତ୍ୟ ସଂସଦର ଭ୍ରାମ୍ୟମାଣ ଆଲୋଚନାଚକ୍ର ଶନିବାର ବକୁହାଟ ନିକଟରେ ରମେଶଚନ୍ଦ୍ର ଉତ୍ତରକବାଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। 'ପାଲାରେ ପଞ୍ଚଦେବ ଉପାସନା ଏବଂ ପାଲାରେ ଆବଶ୍ୟକ ସଂସ୍କାର' ସମ୍ପର୍କରେ ଦୁଇଟି ଅଧିବେଶନ ଆଲୋଚନା କରାଯାଇଥିଲା। ଏଥିରେ ଗାୟକ ଯୁଧିଷ୍ଠିର ମହାପାତ୍ର, ଶକୁନ୍ତଳା ମହାପାତ୍ର, ରସବିନୋଦ ବୈକୁଣ୍ଠ ନରେନ୍ଦ୍ର, କାଶୀନାଥ ପାଣିଗ୍ରାହୀ, ଯଦୁମଣି ମଙ୍ଗରାଜ ପ୍ରମୁଖ ପାଲାରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ରମାକାନ୍ତ ହୋତା, ଫୁଲବାବା ପ୍ରମୁଖ ସେମାନଙ୍କ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ସଂସଦର ସମ୍ପାଦକ କବିକସ୍ତୁରୀ ଦିଲୀପ ଶ୍ରୀଚନ୍ଦନ, ସଭାପତି ମୃତ୍ୟୁଞ୍ଜୟ ଦକ୍ଷିଣରାୟ ପାଲାର ପରମ୍ପରା ଓ ଅଧୁନାତନ ସମାଜରେ ଏହାର ପ୍ରାସଙ୍ଗିକତା ଉପରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ କୃଷ୍ଣଚନ୍ଦ୍ର ଜଗଦ୍ଦେବ, ପଣ୍ଡିତ ବିକ୍ରମ ମହାରଣା, ଅଧ୍ୟାପକ ପ୍ରଦୀପ ଜେନା, ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

ନିମାପଡ଼ା,୧୪।୧୨(ଡି.ଏନ୍.ଏ.):

ନିମାପଡ଼ା ଇନ୍ଦିରା ଗାନ୍ଧୀ ଡିଗ୍ରୀ ମହିଳା ମହାବିଦ୍ୟାଳୟର ୩ ବଖରା ପକ୍କା ଶ୍ରେଣୀ ଗୃହ ଓ ପରୀକ୍ଷା ନିୟନ୍ତ୍ରଣ କକ୍ଷ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଗୃହକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ସାହୁ, ସନାତନ ପ୍ରଧାନ, ହୃଦାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କଲେଜର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଶିକ୍ଷାଦାନ ଓ ଅଧ୍ୟୟନ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। କଲେଜର ଏନ୍‌ସିସି କ୍ୟାଡେଟ୍, ଅଧ୍ୟାପିକା ଓ ଅଧ୍ୟାପକ ଏବଂ କର୍ମଚାରୀଙ୍କ ପକ୍ଷରୁ ମନ୍ତ୍ରୀ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



ମନ୍ତ୍ରୀ ସମୀର ରଞ୍ଜନ ଦାଶ ନୂତନ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରୁଛନ୍ତି।

# ବିନା ସଂଯୋଗରେ ଆସୁଛି ବିଦ୍ୟୁତ୍ ବିଲ୍

ବ୍ରହ୍ମଗିରି,୧୪।୧୨(ଡି.ଏନ.ଏ)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ସାହାନପୁର ଗ୍ରାମରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି । ଏହି ଗାଁରେ ପ୍ରାୟ ୨୦ ଜଣଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାବେଳେ ସେମାନଙ୍କ ପାଖକୁ ପ୍ରତିମାସରେ ବିଦ୍ୟୁତ୍ ବିଲ୍ ଆସୁଛି। ପ୍ରତି ଘରକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ସରକାର ଡିଣ୍ଡିମ ପିଟୁଥିବାବେଳେ କର୍ମଚାରୀଙ୍କ ବେପାରୁଆ ମନୋଭାବ ଯୋଗୁ ଏଭଳି ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏ ନେଇ ସାଧାରଣ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ସରକାରଙ୍କ ସୌଭାଗ୍ୟ ଯୋଜନାରେ ସାହାଜାନପୁରଠାରୁ ଖମାର ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ୮ ମାସ ତଳୁ ଖୁଣ୍ଟି ପୋତାଯାଇଥିଲା। ଏହାସହ ବିଦ୍ୟୁତ୍ ସଂଯୋଗ ପାଇଁ ଟ୍ରାନ୍ସଫର୍ମର ବେସ୍ ନିର୍ମାଣ ମଧ୍ୟ କରାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଏହି କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିଥିବା ସମୟରେ ଟ୍ରାନ୍ସଫର୍ମର ବସି ନାହିଁ କି ଖୁଣ୍ଟରେ କୌଣସି ତାର ଟଣାଯାଇ ନାହିଁ। ଫଳରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ସାହାଜାନପୁର ଗ୍ରାମର ୨୦ଜଣ ଉପଭୋକ୍ତା ଏପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ପାଇପାରି ନାହାନ୍ତି। କିନ୍ତୁ ଏହି ଉପଭୋକ୍ତାମାନେ ବିଦ୍ୟୁତ୍ ନ ନେଇ ମଧ ୬ ମାସର ବିଲ୍ ଆସିଛି। ଏ ସମ୍ପର୍କରେ ଏହି ବିଦ୍ୟୁତ୍ ଉପଭୋକ୍ତା ବାସନ୍ତୀ ଦାସ, ରଶ୍ମିରଞ୍ଜନ ସାମନ୍ତସିଂହାର, ଦିଗାମ୍ବର ମହାନ୍ତି, ସନ୍ତୋଷ ଶ୍ରୀଚନ୍ଦନ, ତ୍ରିନାଥ ଜେନା ପ୍ରମୁଖ କୁହନ୍ତି, ଆମେ ବିଦ୍ୟୁତ୍ ସଂଯୋଗ ପାଇ ନ ଥିଲେ ବି ଆମପାଖକୁ ବିଲ୍ ଆସୁଛି। ଏ ନେଇ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ବି ସେମାନେ କୌଣସି ସମାଧାନ କରୁ ନ ଥିବା କ୍ଷୋଭର ସହ କହିଥିଲେ। ସୁନାମୁହିଁ ସେକ୍ସନ ଜେଇ ଦେବବ୍ରତ ଷଡ଼ଙ୍ଗୀ ସମ୍ପୃକ୍ତ ଠିକା ସଂସ୍ଥା ଏ ପର୍ଯ୍ୟନ୍ତ କାମ ସାରିନି। କ'ଣ ସମସ୍ୟା ରହିଛି ସେନେଇ ଶୀଘ୍ର ତଦନ୍ତ କରିବି ବୋଲି କହିଥିଲେ।

- ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୭୬ ପ୍ରାକ୍ ବିବାଦ ମକଦ୍ଦମାର ଫଇସଲା

ପୁରୀ ଅଫିସ, ୧୪।୧୨:

ପୁରୀ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ପୁରୀ, ପିପିଲି, କୋଣାର୍କ ଏବଂ ନିମାପଡ଼ାରେ ଶନିବାର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଭାପତି ତଥା ଜିଲା ଓ ଦୌରାଜଜ୍ ବିଦ୍ୟୁତ କୁମାର ମିଶ୍ର ଏହି ଲୋକ ଅଦାଲତକୁ ଉଦ୍‌ଘାଟନ କରିଥିଲେ। ମୋଟ ୧୭୬ଟି ପ୍ରାକ୍ ବିବାଦ ମକଦ୍ଦମା ଫଇସଲା କରାଯାଇ ୬୨,୧୧, ୦୮୩ ଟଙ୍କା ଆଦାୟ କରାଯାଇଛି। ସେହିପରି ୯୬ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ଫଇସଲା କରାଯାଇ ୨,୪୩,୮୬,୫୦୦ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ ଦିଆଯାଇଛି। ପିଏଲ୍ଏ ଚେୟାରମ୍ୟାନ ପ୍ରକାଶ ଚନ୍ଦ୍ର ମହାପାତ୍ର, ପ୍ରଥମ ଅତିରିକ୍ତ ଜିଲା ଜଜ୍ ସୁରେଶ ପ୍ରଧାନ, ଦ୍ୱିତୀୟ ଏଡିଜେ ପୂର୍ଣ୍ଣିମା ମିଶ୍ର, ତୃତୀୟ ଏଡିଜେ ଶୁଭଶ୍ରୀ ତ୍ରିପାଠୀ, ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ଉପସ୍ଥିତ ଥିଲେ।

# 'କର୍ଣ୍ଣ ଏକ ଅମ୍ଳାନ ଚରିତ୍ର'

ପୁରୀ ଅଫିସ,୧୪।୧୨:

ପୁରୀର ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓ ଐତିହ୍ୟ ସୁରକ୍ଷା ପରିଷଦ ମିଳିତ ଆନୁକୂଲ୍ୟରେ ଶନିବାର ବ୍ରହ୍ମଗିରି ହସିନୀପୁରସ୍ଥିତ କର୍ଣ୍ଣ (ଜଗତୀଶ୍ୱର) ମନ୍ଦିର ପରିସରରେ 'ଐତିହ୍ୟରେ କର୍ଣ୍ଣ ଓ ଜଗତୀଶ୍ୱର' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦଇତାପତି ରଘୁନାଥ ଦାସମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବ୍ୟାସକୃତ ସଂସ୍କୃତ ଓ ସାରଳା ଦାସଙ୍କ ପ୍ରାକୃତ ମହାଭାରତ ବର୍ଣ୍ଣନା ଅନୁଯାୟୀ କର୍ଣ୍ଣ ଏକ ଅମ୍ଳାନ ଚରିତ୍ର। ମୁଖ୍ୟବକ୍ତା ଭାବେ ଓଡ଼ିଶା ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ହରପ୍ରସାଦ ମିଶ୍ର ଯୋଗଦେଇ କହିଥିଲେ, କର୍ଣ୍ଣ ସର୍ବଶ୍ରେଷ୍ଠ ଦାନୀ ଥିଲେ ଏବଂ ପ୍ରତ୍ୟହ ଏକଲକ୍ଷ ସୁବର୍ଣ୍ଣ ଦାନ କରୁଥିଲେ। ବ୍ରହ୍ମବନ ବ୍ରହ୍ମଗିରିରେ ଲୋମଶ ମୁନିଙ୍କ ସହ ପଞ୍ଚପାଣ୍ଡବ ପାଦ ଥାପି ପୁରୁଷୋତ୍ତମ କ୍ଷେତ୍ର ଦର୍ଶନରେ ଯାଇଥିବାରୁ ଏହି ଐତିହାସିକ କାଳରେ ପଞ୍ଚପାଣ୍ଡବଙ୍କ ସହ କର୍ଣ୍ଣ ବା ଜଗତୀଶ୍ୱର ମନ୍ଦିର ସ୍ଥାପନା ହୋଇଛି। ଅନ୍ୟତମ ଅତିଥି ଗବେଷକ ମନମୋହନ ମହାପାତ୍ର ସୂର୍ଯ୍ୟ ଉପାସନାକୁ ଆଧାର କରି ଜଗତୀଶ୍ୱର ଶିବ ରୂପେ ସୂର୍ଯ୍ୟଙ୍କର ସ୍ୱରୂପ ଅଟନ୍ତି। କର୍ଣ୍ଣ ତାହାଙ୍କ ପୁତ୍ର ହୋଇଥିବାରୁ ତାଙ୍କୁ କର୍ଣ୍ଣେଶ୍ୱର କୁହାଯାଏ। ଗଡ଼ରୋଡଙ୍ଗ ପ୍ରତିଷ୍ଠା ସମୟରେ ବୀରତ୍ୱ ପ୍ରତୀକ ସ୍ୱରୂପ ପଞ୍ଚପାଣ୍ଡବଙ୍କ ସହିତ କର୍ଣ୍ଣ ବ୍ରହ୍ମବନ ପ୍ରଦକ୍ଷିଣ କରିଥିବାରୁ ତା'ର ନାମ ବ୍ରହ୍ମଗିରି ଭାବେ ଖ୍ୟାତି ଲାଭ କରିଛି ବୋଲି ମତ ରଖିଥିଲେ। ଅତିଥି ଭାବେ ପ୍ରଫେସର କାର୍ତ୍ତିକ କୁମାର ଦାସ, ଅଭିମନ୍ୟୁ ଭୂୟାଁ, ଲିଙ୍ଗରାଜ ଦାଶ, ରଘୁନାଥ ମହାନ୍ତି ଓ ବିନୟ କୁମାର ପଣ୍ଡା ଉପସ୍ଥିତ ଥିଲେ। ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଜୟ ଚରଣ ମହାନ୍ତି, ପ୍ରଭାକର ମିଶ୍ର ଓ ଅଶୋକ କୁମାର ମହାପାତ୍ରଙ୍କୁ ଐତିହ୍ୟ ସୁରକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭବାନୀ ପ୍ରସାଦ ବଳିୟାରସିଂ ଧନ୍ୟବାଦ ଦେଇଥିଲେ।

- ବ୍ୟାରିକେଡ ନିର୍ମାଣରେ ଘରୋଇ ରନ୍ଧନ ଗ୍ୟାସ୍ ବ୍ୟବହାର

# ନୀରବଦ୍ରଷ୍ଟା ସାଜିଛି ଯୋଗାଣ ବିଭାଗ

ପୁରୀ ଅଫିସ,୧୪।୧୨ :



ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଇ ନିର୍ମାଣ କାର୍ଯ୍ୟ ଚାଲିଛି।

ଶ୍ରୀମନ୍ଦିର ସୁରକ୍ଷା ଓ ଶ୍ରୀକ୍ଷେତ୍ରର ଐତିହ୍ୟ ବିକାଶ ଲାଗି ଚାଲିଛି କାର୍ଯ୍ୟ। ସିଂହଦ୍ୱାର ନିକଟରେ ଥିବା ଅସ୍ଥାୟୀ ଶେଡକୁ ଉଠାଯାଇ ବଡଦାଣ୍ଡରେ ଚାଲିଛି ବ୍ୟାରିକେଡ ନିର୍ମାଣ। ଲୁହା ପାଇପରେ ଏହି ଶେଡ୍ ଓ ବ୍ୟାରିକେଡ ତିଆରି କରାଯିବ। ଏଥିଲାଗି ଏକ ଠିକା ସଂସ୍ଥା ଦାୟିତ୍ୱ ନେଇଛି। ତେବେ ଲୁହା ସାମଗ୍ରୀ ଝଳେଇ ଲାଗି ସମ୍ପୃକ୍ତ ସଂସ୍ଥା ସାଧାରଣ ବିନା ଫାୟାର ସେଫ୍ଟିରେ ଖାଉଟିଙ୍କ ଲାଗି ଉଦ୍ଦିଷ୍ଟ ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡରକୁ ବ୍ୟବହାର କରୁଛି। ପ୍ରଶାସନିକ ଅଧିକାରୀମାନେ ଏହା ଦେଖୁଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚୁପ୍ ବସିଛନ୍ତି। ଅନ୍ୟପଟେ ଯୋଗାଣ ବିଭାଗର ଦାୟିତ୍ୱହୀନତା ଯୋଗୁ ପୁରୀ ସହରରେ ବ୍ଲାକରେ ଘରୋଇ ରନ୍ଧନ ଗ୍ଲାସ ସିଲିଣ୍ଡର ବିକ୍ରି ହେଉଛି। ଏ ନେଇ ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓଙ୍କୁ ପଚାରିବାରେ କହିଛନ୍ତି, ବଡଦାଣ୍ଡରେ ବ୍ୟାରିକେଡ ନିର୍ମାଣରେ ଘରୋଇ ରନ୍ଧନ ଗ୍ୟାସ୍ ବ୍ୟବହାର ନଜରକୁ ଆସିନାହିଁ। ଏଭଳି ଅଭିଯୋଗର ତଦନ୍ତ ହେବ। ସେହିପରି ଦୋକାନ, ହୋଟେଲ ଆଦିରେ ନିୟମିତ ବ୍ୟବଧାନରେ ଚଢାଉ କରାଯାଉଛି। ଏ ନେଇ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଜଳ ନିଷ୍କାସନରେ ବାଧକ ଦଳ

କଣାସ, ୧୪।୧୨(ସ୍ୱ.ପ୍ର.):

କଣାସ ବ୍ଲକର ବିଭିନ୍ନ ନାଳ ଦୀର୍ଘଦିନ ହେଲା ଅନାବନା ଦଳ ତଥା ଗୁଳ୍ମରେ ଭର୍ତ୍ତି ହୋଇ ପଡ଼ିଛି। ଫଳରେ ନାଳଗୁଡ଼ିକରୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଦୟା ଓ ଲୁଣା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳସ୍ଥ କେତେକ ନାଳ ପଙ୍କ ଓ ଅନାବନା ଦଳ ଯୋଗୁ ପୋତି ହୋଇପଡ଼ିଛି। ବ୍ଲକର ଉତ୍ତର ପାର୍ଶ୍ୱସ୍ଥ ସୁହାଗପୁର, ଖଳଖଳା ଓ ସିରେଇ ନାଳରେ କଳିକତି ଦଳ ଭର୍ତ୍ତି ହୋଇ ରହିଥିବାରୁ ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି। ସେହିପରି ଜମିରେ ବଢୁଥିବା ପିରୁଡ଼ି ଗଛଗୁଡ଼ିକ ପ୍ରଚୁର ସାର ଶୋଷଣ କରୁଥିବାରୁ ଭଲ ଫସଲ ଅମଳ ହେବା ଆଶା ମଉଳି ଯାଉଛି। ଏହା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଏ ସମ୍ପର୍କରେ ଡ୍ରେନେଜ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରା କହିଛନ୍ତି, କିଛିଦିନ ତଳେ ସିରେଇ ନାଳ ସଫା ହୋଇଥିଲେ ମଧ୍ୟ ପୁଣି ଦଳ ଭର୍ତ୍ତି ହେବା ସହ ଶଯ୍ୟା ପୋତି ହୋଇପଡ଼ିଲାଣି। ତେଣୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଆରଦ ଗାଁ ନାଳ ଓ ସୁହାଗପୁର ନାଳ ଅବସ୍ଥା ମଧ୍ୟ ସମାନ। ସେଗୁଡ଼ିକର ଶଯ୍ୟା ଖନନ ଓ ଦଳ ସଫେଇ କରାଯିବ।